Bhubaneswar- 14 June 2026
ଭୁବନେଶ୍ୱର- ୧୪ ଜୁନ୍ ୨୦୨୬
Vol- 1 Issue - 48
ଭାଗ- ୧ ସଂଖ୍ୟା- ୪୮
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ବାୟୁ ସେନା ବିମାନ କ୍ରାଶ
# ୫ ବୀର ଯବାନ ସହୀଦ

**ନୂଆଦିଲ୍ଲୀ:** ଭାରତୀୟ ବାୟୁ ସେନାର ଏଏନ-୩୨ ପରିବହନ ବିମାନ କ୍ରାଶରେ ଦେଶ ୫ ଜଣ ବୀର ଯବାନଙ୍କୁ ହରାଇଛି। ଆଜି ସକାଳେ ଆସାମର ଜୋରହାଟ ଏୟାର ବେସରେ ଏନଏନ-୩୨ ପରିବହନ ବିମାନ ଲ୍ୟାଣ୍ଡିଂ କରିବା ବେଳେ କ୍ରାଶ କରି ଯାଇଥିଲା। କ୍ରାଶ ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଏଥିରେ ୫ ଜଣ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ବିମାନର ସହ ପାଇଲଟ ବର୍ତ୍ତି ଯାଇଛନ୍ତି। ଏବେ ତାଙ୍କର ଚିକିତ୍ସା ହସ୍ପିଟାଲରେ ଚାଲିଥିବା ବାୟୁ ସେନା ପକ୍ଷରୁ କୁହାଯାଇଛି। ପୂର୍ବରୁ ଦୁର୍ଘଟଣାକୁ ନିଶ୍ଚିତ କରିଥିବା ବାୟୁ ସେନା ଏବେ ସଂଶୋଧିତ ଅପଡେଟରେ ୫ କର୍ମଚାରୀ ପ୍ରାଣ ହରାଇଥିବା କଥାକୁ ନିଶ୍ଚିତ କରିଛି। ଏଥିସହ କ୍ରାଶର କାରଣ ଖୋଜିବାକୁ ତଦନ୍ତ ଆରମ୍ଭ ହୋଇଥିବା ବାୟୁସେନା କହିଛି। ଜୋରହାଟ ଏଏନ-୩୨ ବିମାନ କ୍ରାଶରେ ସ୍କ୍ୱାର୍ଡନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ ଲେଫ୍ଟନାଣ୍ଟ ଶୁଭମନ କୁମାର ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ବାୟୁ ଖେମରାମ କୁମାୱତ ଓ ଅଗ୍ନିବୀର ବାୟୁ ଦାନିଶ ଆଲମ ପ୍ରାଣ ହରାଇଛନ୍ତି।



### ସହ ପାଇଲଟ ସୁରକ୍ଷିତ

ସେମାନଙ୍କ ପ୍ରତି ସେନା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରାଥମିକ ଆକଳନରୁ ଜଣାପଡ଼ିଛି ଯେ ବିମାନଟି ନିୟମିତ ଉଡ଼ାଣ ପରେ ଏୟାରବେସ୍‌ରେ ଲ୍ୟାଣ୍ଡିଂ କରୁଥିଲା। କିନ୍ତୁ ଲ୍ୟାଣ୍ଡିଂ ସମୟରେ ଏହା କ୍ରାଶ କରିଯାଇଥିଲା। ଏହାପରେ ବିମାନରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିମାନଟି ମଝିରୁ ପୂରା ଦୁଇ ଖଣ୍ଡ ହୋଇଯାଇଛି। ବିମାନରେ ୬ ଜଣ ସଦସ୍ୟ ଥିଲେ। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ସହ ପାଇଲଟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାୟୁସେନାର ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିମାନଟି କ୍ରାଶ କଲା ଓ ଅଗ୍ନିକାଣ୍ଡ ଘଟିଲା, ତା'ର ତଥ୍ୟ ଅଧିକାରୀମାନେ ସଂଗ୍ରହ କରୁଛନ୍ତି।

### ● ହ୍ୱାଇଟହାଉସର ବଡ଼ ଘୋଷଣା
# ଫ୍ରାନ୍ସରେ ମୋଦି-ଟ୍ରମ୍ପ ଭେଟ



**ନୂଆଦିଲ୍ଲୀ:** ହ୍ୱାଇଟ ହାଉସ ଘୋଷଣା କରିଛି ଯେ ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଜଣେ ଆମେରିକୀୟ ଅଧିକାରୀ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଜି-୭ ଶିଖର ସମ୍ମିଳନୀ ସମୟରେ କାତାର, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଇଜିପ୍ଟର ନେତାମାନଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ। ତଥାପି, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୋଗ ଦେବାର ଆଶା ନାହିଁ। ଜଣେ ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଟ୍ରମ୍ପ ଜି-୭ ଶିଖର ସମ୍ମିଳନୀ ଅବସରରେ ମଧ୍ୟପ୍ରାଚ୍ୟ ନେତାମାନଙ୍କ ସହିତ ଏକ ଶିଖର ସମ୍ମିଳନୀ ମଧ୍ୟ କରିବେ।ଏପି ରିପୋର୍ଟ କରିଛି ଯେ ରାଷ୍ଟ୍ରପତି ଟ୍ରମ୍ପ ଜି-୭ ବୈଠକରେ ସହଯୋଗୀ ଦେଶମାନଙ୍କ ସହିତ ହର୍ମୁଜ୍ ପ୍ରଣାଳୀରୁ ଲ୍ୟାଣ୍ଡମାଇନ୍ ହଟାଇବା ପାଇଁ ପ୍ରୟାସ ବିଷୟରେ ମଧ୍ୟ ଆଲୋଚନା କରିବେ। ବରିଷ୍ଠ ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଗସ୍ତ ସମୟରେ, ରାଷ୍ଟ୍ରପତି ଟ୍ରମ୍ପ ଜି-୭ ନେତାମାନଙ୍କ ସହିତ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ, ଯୋଗାଣ ଶୃଙ୍ଖଳ ସ୍ଥିରତା, ଅବୈଧ ପ୍ରବାସ ଏବଂ ଏଆଇ ସମେତ ସାଧାରଣ ଚିନ୍ତାର ପ୍ରମୁଖ ପ୍ରସଙ୍ଗ ଉପରେ ଗମ୍ଭୀର ଏବଂ ବିସ୍ତୃତ ଆଲୋଚନା କରିବେ। ରାଷ୍ଟ୍ରପତି ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ଆର୍ଥିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ନିଶା କାରବାର ବିରୁଦ୍ଧରେ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଜି-୭ ଅଂଶୀଦାରମାନଙ୍କ ସହିତ ମଧ୍ୟ କାମ କରିବେ।

## ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ


**ବୁର୍ଲା:** ସମ୍ବଲପୁର ଜିଲ୍ଲା ବୁର୍ଲା ଆନନ୍ଦ ବିହାର ସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ(ଏମସିଏଲ)ର ଜଣେ ମହିଳା କର୍ମଚାରୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ମହିଳା ଜଣକ ହେଉଛନ୍ତି ଅନୁଗୁଳ ଜିଲା ତାଳଚେର ସହରର ଆୟୁସ୍ମିତା ସାମତ(୨୩)। ସେ ଏମସିଏଲର ଆକାଉଣ୍ଟସ ସେକ୍ସନରେ କିରାଣୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପିତା ସ୍ୱର୍ଗତ ସୁଦେଶ କୁମାର ସାମତ ମଧ୍ୟ ଏମସିଏଲର ଜଣେ କର୍ମଚାରୀ ଥିଲେ ଏବଂ ତାଙ୍କ ଦେହାନ୍ତ ପରେ ଆୟୁସ୍ମିତାଙ୍କୁ ଏହି ଚାକିରି ମିଳିଥିଲା। ଏମସିଏଲ ଜାଗୃତି ବିହାର ସରକାରୀ କ୍ୱାର୍ଟର ନମ୍ବର ୩୬ (ବି-ଟାଇପ, ବ୍ଲକ ନମ୍ବର ୫)ରେ ଏକୁଟିଆ ରହୁଥିଲେ। ଆଜି ଡ୍ୟୁଟି ସମୟରେ ସେ ଅଫିସ ନ ପହଞ୍ଚିବାରୁ ସହକର୍ମୀ ଓ ସାଙ୍ଗମାନେ ତାଙ୍କୁ ଫୋନ କରିଥିଲେ। ମାତ୍ର ବାରମ୍ବାର ଫୋନ ରିଙ୍ଗ ହେବା ସତ୍ତ୍ୱେ ସେ କଲ ଗ୍ରହଣ କରି ନଥିଲେ। ତେଣୁ ସନ୍ଦେହ ହେବାରୁ ସାଙ୍ଗମାନେ ତାଙ୍କ କ୍ୱାର୍ଟରକୁ ଯାଇ କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ସେମାନେ ଏମସିଏଲ ସିକ୍ୟୁରିଟି ଇନଚାର୍ଜଙ୍କୁ ଜଣାଇଥିଲେ। ପରେ ସିକ୍ୟୁରିଟି କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝରକା ମଧ୍ୟରେ ଦେଖିବା ବେଳକୁ ଆୟୁସ୍ମିତା ଏକ ଦଉଡିରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

## ବିଏମଡବ୍ଲୁ ହାଇୱାକୁ ପିଟିଲା: ୨ ମୃତ

**ଧର୍ମଗଡ଼:** ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ବାଏପାସ ରାସ୍ତାରେ ଏକ ବିଏମଡବ୍ଲୁ କାର ହାଇୱାକୁ ପଛ ପଟୁ ପିଟି ଦୁର୍ଘଟଣାଗ୍ରସ୍ତ ହେଇଛି। ଦୁର୍ଘଟଣା ଯୋଗୁଁ କାରରେ ଥିବା ୨ ଯୁବକ ଘଟଣାସ୍ଥଳରେ ମୃତ୍ୟବରଣ କରିଛନ୍ତି। ମୃତକ ୨ଜଣ ଧର୍ମଗଡ଼ ଥାନା ଖଇରପଦର ଗାଁର ଗୌତମ ନାଏକ ଏବଂ ଟିଟିଲାଗଡ଼ର ପିଣ୍ଟୁ ବାଗ ବୋଲି ଜଣାପଡିଛି। ଉଭୟେ ସ୍ଥାନୀୟ ଅର୍ବାନ ଗ୍ୟାରେଜ କାମ କରୁଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା (ଏଚଆର ୨୬ ସିବି ୫୩୮୪) ନମ୍ବର୍ ବିଶିଷ୍ଟ ବିଏମଡବ୍ଲୁ କାରଟି ମରାମତି ପାଇଁ ଗ୍ୟାରେଜ୍ ରେ ଥିଲା। ମାଲିକଙ୍କ ଅଜଣାତରେ ଉଭୟେ କାର ନେଇ ବିଳମ୍ବିତ ରାତିରେ ଯାଉଥିବା ଜଣାପଡ଼ିଛି। ଦୁର୍ଘଟଣାରେ କାରଟି ସମ୍ପୂର୍ଣ ଚୁରମାର୍ ହେଇଯାଇଛି। ସୂଚନାପାଇ ଅଗ୍ନିଶମ ବିଭାଗ ପହଞ୍ଚି ଶବ ଗୁଡ଼ିକ ଉଦ୍ଧାର କରିଥିଲା। ସଦର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଓଡିଶା ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ମୁତୟନ ହେବେ ୧୫୦ ପ୍ଲାଟୁନ ଫୋର୍ସ
- ରାଇରଙ୍ଗପୁର ଓ ପାହାଡ଼ପୁରରେ ହେଲିପ୍ୟାଡର ବ୍ୟବସ୍ଥା ହେବ
- ରାଇରଙ୍ଗପୁରରେ ସ୍ଥିତି ସମୀକ୍ଷା କରିଛନ୍ତି ପୋଲିସ ଡିଜି



**ଭୁବନେଶ୍ୱର:** ପ୍ରଥମ ଥର ପାଇଁ ଏକ ସମୟରେ ଓଡିଶା ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ। ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଗସ୍ତର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ଲୁ ବୁକ ନିୟମ ଅନୁଯାୟୀ କରାଯିବ। ରାଇରଙ୍ଗପୁର, ପାହାଡ଼ପୁରରେ ହେଲିପ୍ୟାଡର ବ୍ୟବସ୍ଥା ହେବ। ସେପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୋଲିସର ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତକାଲି ପୋଲିସ ଡିଜି ରାଇରଙ୍ଗପୁରରେ ସ୍ଥିତି ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ପାଖାପାଖି ୧୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି।

### ଓଡ଼ିଶାରେ ଭଡାଘର ଏଗ୍ରିମେଣ୍ଟକୁ ନେଇ ବଦଳିଲା ନିୟମ
# ଲିଖିତ ଘରଭଡ଼ା ଚୁକ୍ତି ହେବ ବାଧ୍ୟତାମୂଳକ

**ଭୁବନେଶ୍ୱର:** ରାଜ୍ୟରେ ଘର ଭଡ଼ା ବ୍ୟବସ୍ଥାକୁ ଆଧୁନିକ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ରାଜ୍ୟ ସରକାର 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬'ର ଚିଠା ପ୍ରକାଶ କରିଛନ୍ତି। କେନ୍ଦ୍ରର ମଡେଲ ଟେନାନ୍ସି ଆକ୍ଟକୁ ଆଧାର କରି ପ୍ରସ୍ତୁତ ଏହି ଚିଠା ଆଇନରେ ଘରମାଲିକ ଓ ଭଡ଼ାଟିଆଙ୍କ ଅଧିକାର, ଦାୟିତ୍ୱ ଓ ବିବାଦ ସମାଧାନ ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି। ଏଣିକି ମୌଖିକ ଚୁକ୍ତିରେ ଘର ଭଡ଼ା ଦେବା କିମ୍ବା ନେବା ସମ୍ଭବ ହେବ ନାହିଁ। ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ତାହାକୁ ଦୁଇ ମାସ ମଧ୍ୟରେ ଭଡ଼ା ପ୍ରାଧିକରଣ ଓ ସ୍ଥାନୀୟ ଥାନାରେ ପଞ୍ଜୀକରଣ କରିବାକୁ ପଡ଼ିବ। ସରକାର ଏକ ଅନଲାଇନ୍ ପୋର୍ଟାଲ୍ ଖୋଲିବେ, ଯେଉଁଠାରେ ସମସ୍ତ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ। ପ୍ରତ୍ୟେକ ଚୁକ୍ତିକୁ ଏକ ୟୁନିକ୍ ଆଇଡି ନମ୍ବର ମିଳିବ। ଏହା ଦ୍ୱାରା ଭଡ଼ା ସମ୍ପର୍କିତ ବିବାଦରେ ତଥ୍ୟ ଯାଞ୍ଚ ସହଜ ହେବ। ଆଇନରେ ଉଭୟ ପକ୍ଷର ଅଧିକାର ଓ ଦାୟିତ୍ୱ ସ୍ପଷ୍ଟ କରାଯାଇଛି। ଘର ମାଲିକ ଭଡ଼ା ଆଦାୟ କରିବାର ଅଧିକାର ପାଇବେ, ସେହିପରି ଭଡ଼ାଟିଆ ମଧ୍ୟ ଚୁକ୍ତି ଅନୁଯାୟୀ ଘର ବ୍ୟବହାର କରିବାର ଅଧିକାର ପାଇବେ। ଘର ଭଡ଼ା ଘର ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ସ୍ଥିର ହେବ। ଭଡ଼ା ନିର୍ଦ୍ଧାରଣ ପାଇଁ ସରକାର କୌଣସି ସୀମା ଧାର୍ଯ୍ୟ କରିବେ ନାହିଁ। ଚୁକ୍ତିରେ ଉଲ୍ଲେଖ ଥିଲେ ଘର ମାଲିକ ଭଡ଼ା ବଢ଼ାଇପାରିବେ। ଘରର ଉନ୍ନତିକରଣ, ନୂଆ ନିର୍ମାଣ କିମ୍ବା ଗଠନମୂଳକ ପରିବର୍ତ୍ତନ ପରେ ମଧ୍ୟ ଭଡ଼ା ବୃଦ୍ଧିର ବ୍ୟବସ୍ଥା ରହିଛି । ଘର ମାଲିକଙ୍କ ଲିଖିତ ଅନୁମତି ବିନା ଭଡ଼ାଟିଆ ଘରର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଘର ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ । ଏପରି ଚୁକ୍ତି ହେଲେ ତାହା ମଧ୍ୟ ପଞ୍ଜୀକୃତ କରିବାକୁ ପଡ଼ିବ । ଚିଠା ଆଇନରେ ଭଡ଼ା ଚୁକ୍ତି ସମୟରେ ନିଆଯାଉଥିବା ସୁରକ୍ଷା ଜମା ରାଶି ସମ୍ପର୍କରେ ମଧ୍ୟ ବ୍ୟବସ୍ଥା ରହିଛି । ଏହାକୁ ନେଇ ଭବିଷ୍ୟତରେ ବିବାଦ କମିବ ବୋଲି ଆଶା କରାଯାଉଛି । କେଉଁ କାମ ଘରମାଲିକ କରିବେ ଏବଂ କେଉଁ କାମ ଭଡ଼ାଟିଆ କରିବେ, ସେନେଇ ସ୍ପଷ୍ଟ ନିୟମ ରହିଛି । ଏହା ମରାମତିକୁ କେନ୍ଦ୍ର କରି ହେଉଥିବା ବିବାଦକୁ କମାଇବ । ଘରମାଲିକଙ୍କୁ ଭଡ଼ା ନେବା ପରେ ଭଡ଼ାଟିଆଙ୍କୁ ରସିଦ ପ୍ରଦାନ କରିବାକୁ ହେବ। ଏହା ଭଡ଼ା ଦେୟକୁ ନେଇ ଭବିଷ୍ୟତ ବିବାଦ ଏଡ଼ାଇବ। ଭଡ଼ା ସମ୍ବନ୍ଧୀୟ ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଭଡ଼ା ନ୍ୟାୟାଳୟ ଓ ଭଡ଼ା ନ୍ୟାୟାଧିକରଣ ଗଠନ ହେବ। ଏହା ଦ୍ୱାରା ବର୍ଷ ବର୍ଷ ଧରି ଅଦାଲତରେ ପଡ଼ି ରହୁଥିବା ମାମଲାର ଶୀଘ୍ର ସମାଧାନ ସମ୍ଭବ ହେବ ।

# ଡ଼ିଜି ପାହ୍ୟାକୁ ଦେଶର ୩୩ଜଣ ବରିଷ୍ଠ ଆଇପିଏସ ମନୋନୀତ
### ଓଡ଼ିଶା କ୍ୟାଡରରୁ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ୨ ସାମିଲ

**ଭୁବନେଶ୍ୱର:** କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି 'ଆପଏଣ୍ଟମେଣ୍ଟସ୍ କମିଟି ଅଫ୍ ଦ କ୍ୟାବିନେଟ୍' (ଏସିସି) ଦେଶର ୩୩ ଜଣ ବରିଷ୍ଠ ଭାରତୀୟ ପୁଲିସ ସେବା ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ୍ (ଡିଜି) ଓ ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ କରିଛନ୍ତି। ଏଥିରେ ଓଡ଼ିଶା କ୍ୟାଡରର ଦୁଇ ଜଣ ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଡିଜି ବା ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ ହୋଇଥିବା ଓଡ଼ିଶା କ୍ୟାଡର ଦୁଇ ଅଧିକାରୀ ହେଲେ ୧୯୯୦ ବ୍ୟାଚ୍‌ର ଡଃ ସୁଧାଂଶୁ ଷଡ଼ଙ୍ଗୀ ଏବଂ



୧୯୯୫ ବ୍ୟାଚ୍‌ର ପଦ୍ମାକର ଏସ ରଣପିସେ। ଏହି ଏମ୍ପାନେଲମେଣ୍ଟ ପରେ ଉଭୟ ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ ଡିଜି ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। କେନ୍ଦ୍ରୀୟ ଡେପୁଟେସନ୍ ପାଇଁ ଏହି ଏମ୍ପାନେଲମେଣ୍ଟକୁ ଜଣେ ଆଇପିଏସ୍ ଅଧିକାରୀଙ୍କ କ୍ୟାରିୟରର ଏକ ବଡ଼ ମାଇଲଖୁଣ୍ଟ ବୋଲି ଧରାଯାଏ। ଏହା ମାଧ୍ୟମରେ ସିଆରପିଏଫ୍, ବିଏସଏଫ୍, ସିଆଇଏସଏଫ୍, ଆଇଟିବିପି ସମେତ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାରେ ଉଚ୍ଚପଦବୀରେ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ସୂଚନାଯୋଗ୍ୟ, ଡଃ ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟର ପରବର୍ତ୍ତୀ ପୁଲିସ୍ ମହାନିର୍ଦ୍ଦେଶକ ଡ଼ିଜିପି ଦୌଡ଼ରେ ମଧ୍ୟ ଅଛନ୍ତି।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ପୋଲିସ ଏଏସ୍ଆଇ



**ଅନୁଗୁଳ:** ୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲ୍ଲା ଜରପଡ଼ା ଥାନାର ଏଏସ୍ଆଇ ସୀତା ନାୟକ। ଏକ ମାମଲାରେ ଜଣେ ଅଭିଯୋଗକାରୀଙ୍କୁ ସାହାଯ୍ୟ କରିବା ପାଇଁ ସେ ଏହି ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି।ସଂପୃକ୍ତ ଅଭିଯୋଗକାରୀ ଜରପଡ଼ା ଥାନାରେ ଏକ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତ ଦାୟିତ୍ୱ ଏଏସଆଇ ସୀତା ନାୟକଙ୍କ ଉପରେ ନ୍ୟସ୍ତ ହୋଇଥିଲା। ତା' ମଧ୍ୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ସେମାନେ ଏନେଇ ଏକ ରିପୋର୍ଟ ତାଙ୍କୁ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଏଏସ୍ଆଇ ସୀତା ନାୟକଙ୍କୁ ଅନୁରୋଧ କରିଥିଲେ ଅଭିଯୋଗକାରୀ। କିନ୍ତୁ ଏହି କାମ କରିବା ପାଇଁ ଏଏସ୍ଆଇ ସୀତା ନାୟକ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୧୦ ହଜାର ଟଙ୍କା ଦେବା ପାଇଁ ସେ ସମର୍ଥ ନୁହନ୍ତି ବୋଲି ଅଭିଯୋଗକାରୀ ଏଏସ୍ଆଇ ସୀତା ନାୟକଙ୍କୁ କହିଥିଲେ। ଏହା ପରେ ଏଏସ୍ଆଇ ତାଙ୍କୁ ୮ ହଜାର ଟଙ୍କା ଦେବାକୁ କହିଥିଲେ। ଲାଞ୍ଚ ଦେବାକୁ ଅମଙ୍ଗ ହୋଇ ଅଭିଯୋଗକାରୀ ଘଟଣା ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ।

### ୫୪ ତମ ଦିବସରେ ରଥ ଖଳା ହାଲ୍‌ଚାଲ୍
# ତିନିରଥର ତେରପରସ୍ଥ ପୋଟଳ କାର୍ଯ୍ୟ ଆରମ୍ଭ

- ତିନିରଥର ପୋଟଳ ନଡ଼ା କଣ୍ଟା ନିର୍ମାଣ ଜାରି
- ଶେଷ ପର୍ଯ୍ୟାୟରେ ପଦ୍ମକଢ଼ି ଡାଳି ଲତା ଚିତ୍ର ଖୋଦେଇ କାର୍ଯ୍ୟ

**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶନିବାର ରଥ ନିର୍ମାଣର ୫୪ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ତିନିରଥର ତୃତୀୟ ଭୂଇଁ ଫ୍ରେମ୍ ଉଠି ମଝି ଭୂଇଁ ଉପରେ ସ୍ଥାପିତ ହୋଇଥିଲା । ତିନିରଥର ତୃତୀୟ ଭୂଇଁ ଫ୍ରେମ୍ ଉଠି ମଝି ଭୂଇଁ ଉପରେ ସ୍ଥାପିତ କାର୍ଯ୍ୟ ଶେଷ ହୋଇଛି । ଶନିବାର ଠାରୁ ଆରମ୍ଭ ହୋଇଛି ତିନିରଥର ତେରପରସ୍ଥ ପୋଟଳ କାର୍ଯ୍ୟ , ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ । ତିନିରଥର ଏକ ନମ୍ବର ପୋଟଳ ସଂଯୋଗ ହେବା ପରେ ବାକି ୧୨ ପରାସ୍ତ ପୋଟଳ ପାରାଭାଡ଼ି କୁ ମିଶାଇ ନିର୍ମାଣ ହେବ। ଏଥିସହ ଆଜି ତିନିରଥର ଆଗ ଆଣି ଏବଂ



ପଛ ଆଣି ଦୁଇଟି ଲେଖାଏଁ କତରା ନିର୍ମାଣ ଶେଷ ହୋଇଛି। ତିନିରଥର ମହାରଣା ମାନେ ଭାରି ଜିନିଷର ବୁହା ବୋହି ପାଇଁ ଭୋଇ ସେବକ ମାନଙ୍କ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ସାଙ୍ଗି ନିର୍ମାଣ ଶେଷ କରିଛନ୍ତି। ମହାରଣା ସେବକ ମାନେ ତିନି ରଥର କନକ ମୁଣ୍ଡି , ଅଁଳା ପିଣ୍ଡି, କଳସ ପିଣ୍ଡି ନିର୍ମାଣ ପାଇଁ ୪ ଟି ଲେଖାଏଁ ଶିମିଳି କାଠ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୪ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୪ ଗୋଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିବା ସହ ତିନି ରଥର ଗୋଟିଏ ଗୋଟିଏ ଚାର ପରିଛା ରେ ୫ଟି ଲେଖାଏଁ ପଦ୍ମ ଫୁଲ ସହ ପଦ୍ମକଢ଼ି ଡାଳି ଲତା ଚିତ୍ର ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ କଇଁଚି କଣ୍ଟା ସହ , ତିନିରଥର ପୋଟଳ ପାଇଁ ନରାଜ କଣ୍ଟା, ପୋଟଳ ନଡ଼ା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି ।ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ପାଇଁ ତିନି ରଥର ଠାକୁରଙ୍କ ବେଶ ପାଇଁ ବେଶ୍ ଘୋଡ଼ିଆ,ଟାଙ୍ଗଡ଼ା ଷ୍ଟାଣ୍ଡ, ବାସୁଙ୍ଗା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ କାଠି ଏବଂ ରଥକୁ ଉଠି ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ସିଡି ନିର୍ମାଣ କରୁଛନ୍ତି। ଆଜି ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ, ସଖୀ, ଓଲଟ ଶୁଆ, ଏବଂ ଶିଖର ଡମ୍ବରୁ ଇତ୍ୟାଦି ସଫା କାର୍ଯ୍ୟ ଶେଷ କରି ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥ ର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୫ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ , କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ , ରଥଖଳା ସହାୟକ ୧ଜଣ ମୋଟ ୨୦୩ ଜଣ ରଥ ନିର୍ମାଣକାରୀ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

## ସମ୍ପାଦକୀୟ

# ନେତନ୍ୟାହୁଙ୍କ ନିକୃଷ୍ଟ ନୀତି

ପୃଥିବୀରେ ଅନେକ ବାର ଯୁଦ୍ଧ ସଙ୍ଘଟିତ ହୋଇଗଲାଣି ଯାହାର ରହିଛି ଏକ ଲମ୍ବା ଇତିହାସ। ସେଭଳି ଇତିହାସ ଲେଖିବସିଲେ କଲମରୁ କାଳି ସରିଯିବ ହେଲେ ପୃଥିବୀରେ ଯୁଦ୍ଧ ସମ୍ବନ୍ଧିତ କରୁଣ କାହାଣୀର ଅନ୍ତ ଏତେ ସହଜରେ ହେବନି। ବିଶ୍ୱ ବକ୍ଷରେ ଯେ କେତେ ରକ୍ତପାତ ହୋଇଛି, କେତେ ନରସଂହାର ହୋଇଛି, ତା'ର କିଛି ବି ଇୟତ୍ତା ନାହିଁ। ତେବେ ଦୁଃଖର ବିଷୟ, ପରିତାପର ବିଷୟ ଯେ ଏବେ ବି ଚାଲିଛି ଯୁଦ୍ଧ ପୃଥିବୀରେ। ତଥାପି ମଣିଷ ବୁଝୁନି ଶାନ୍ତି ସୌହାର୍ଦ୍ଦ୍ୟର ମୂଲ୍ୟ। ତଥାପି ମଣିଷ ବୁଝୁନି ଯୁଦ୍ଧଜନିତ କ୍ଷୟକ୍ଷତିର ମୂଲ୍ୟ। ତଥାପି ମଣିଷ ବୁଝୁନି ଯୁଦ୍ଧଜନିତ ଆଗାମୀ କ୍ଷୟକ୍ଷତିର ମୂଲ୍ୟ । ସତରେ ମଣିଷ କେତେ ଅବୁଝା ଯେ କି କ୍ଷମତାର ଅହଂକାରରେ ଅନ୍ଧ ହୋଇ ଯୁଦ୍ଧ କରି ଚାଲିଛି, ଅନ୍ୟ ସହିତ ବିବାଦ କରି ଚାଲିଛି। ପୃଥିବୀରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ସଙ୍ଘଟିତ ହୋଇଗଲାଣି, ତଥାପି ଏବେ ବି ଯୁଦ୍ଧ ଥମିନି। ଏବେ ବି ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଗତିଶୀଳ ଯାହାର ଗୋଟାଏ ବହୁତ ବଡ଼ କ୍ଷେତ୍ର ହେଉଛି ମଧ୍ୟପ୍ରାଚ୍ୟ । ଏସିଆର ମିଡିଲ୍ ଇଷ୍ଟ୍ ଏବେ ବି ଅଶାନ୍ତ। ମଧ୍ୟପ୍ରାଚ୍ୟର ଇସଲାମିକ୍ ଦେଶ ସମୂହ ସେମାନଙ୍କ ମଧ୍ୟରେ ପାରସ୍ପରିକ ଏକତାର ଅଭାବ କାରଣରୁ ଏସିଆର ସଂପୃକ୍ତ ଅଞ୍ଚଳ ପ୍ରାୟତଃ ଅଶାନ୍ତ ହୋଇ ରହୁଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଇତିହାସ ଭାରୀ ଲମ୍ବା ଏବଂ ସେହି ଲମ୍ବା ଇତିହାସର ଦୁଇଟି ପ୍ରମୁଖ ଦାବିଦାର ହେଉଛନ୍ତି ଇରାନ୍ ଏବଂ ଇସ୍ରାଏଲ୍ । ଯେଉଁମାନେ କେବେ ଅତୀତରେ ପରସ୍ପର ମଧ୍ୟରେ ଭଲ ସମ୍ପର୍କରେ ଥିଲେ, ସେମାନେ ଆଜି ପରସ୍ପରର ପ୍ରମୁଖ ଶତ୍ରୁ । ଯାହା ପଛରେ ଯାହା ବି କିଛି କାରଣ ଥାଉ ନା କାହିଁକି , ପ୍ରମୁଖ କାରଣ ହେଉଛି ଇସ୍ଲାମିକ୍ କ୍ଷେତ୍ରରେ କେବଳ ଗୋଟିଏ ଇହୁଦୀ ରାଷ୍ଟ୍ର ରହିଛି। ଯାହାକୁ ଚାରିପଟୁ ଘେରି ରହିଛି ଇସଲାମିମ୍ ରାଷ୍ଟ୍ର ସମୂହ ଏବଂ ସେମାନଙ୍କ ମଧ୍ୟରେ ବହୁ ପୂର୍ବରୁ ରହିଛି ତାଳମେଳର ଅଭାବ। ସେମାନଙ୍କ ମଧ୍ୟରେ ବହୁ ପୂର୍ବରୁ ରହିଛି ମତଭେଦ । ଧର୍ମଗତ କାରଣରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଆଗକୁ ଯାଇ ଧାରଣ କରିଛି ଉଗ୍ରରୂପ। ଏବେ ବି ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଛି ଯୁଦ୍ଧ। ମଝିରେ ମଝିରେ ଯୁଦ୍ଧ ଯଦିଓ ଥମିଯାଉଛି, ହେଲେ ସମ୍ପୂର୍ଣ୍ଣ ବନ୍ଦ ହୋଇପାରୁନି। ନା ଇରାନ ବୁଝୁଛି ନା ବୁଝୁଛି ଇସ୍ରାଏଲ୍ । କେହି ବି କାହାକୁ ବୁଝିବାକୁ କେବେ ବି ଚେଷ୍ଟା କରୁ ନାହାଁନ୍ତି। ତେବେ ଉଭୟଙ୍କ ମଧ୍ୟରେ ସର୍ବାଧିକ ଯୁଦ୍ଧଖୋର ପ୍ରକୃତିର,ଆମେ ଯାହା ଅନୁମାନ କରୁଛୁ ଯେ ଇସ୍ରାଏଲ୍, ଏହା କେବଳ ଆମର ଅନୁମାନ ନୁହେଁ ,ଏହା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ସତ୍ୟ । କେବଳ ଆମେ ନୁହେଁ , ସାରା ଦୁନିଆ ବି ସେହି କଥା ଅନୁମାନ କରୁଛି। ପ୍ରକୃତରେ ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଏବେ ଯେଉଁ ଯୁଦ୍ଧ ଚାଲିଛି ଯାହାକି ଫେବୃଆରୀ ମାସରୁ ଆରମ୍ଭ ହୋଇଛି, ତାହା ଏବେ ଯଦିଓ ଥମିଯାଇଛି, ତେବେ ଆଗକୁ କିନ୍ତୁ ପୁଣି ହେବାର ଆଶଙ୍କା ରହିଛି । କୌଣସି ବି ସମୟରେ ଉଭୟ ଦେଶ ମଧ୍ୟରେ ଆରମ୍ଭ ହେଇଯାଇପାରେ ଯୁଦ୍ଧ। କାରଣ ଇସ୍ରାଏଲ୍ ପଛରେ ରହିଛି ଯୁକ୍ତରାଷ୍ଟ୍ର ଆମେରିକା ଯେ କି ମାଷ୍ଟରମାଇଁଣ୍ଡ। କେବଳ ଆମେରିକା ବଳରେ ଡେଉଁଛି ଇସ୍ରାଏଲ୍ । ତଥାପି ବାଘକୁ ବି ଫାଗର ଭୟ। ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଅତୀତରୁ ଯେଭଳି ଯୁଦ୍ଧ ସ୍ଥିତି ଲାଗିରହିଥିଲା, ସେଥିରେ ଇରାନ୍ ସମର୍ଥିତ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ସାମିଲ୍ ଥିବାର ପ୍ରମାଣ ପାଇଲା ପରେ ରକ୍ତମୁଖା ଇସ୍ରାଏଲ ସେବେଠାରୁ ପଡ଼ିଯାଇଛି ଇରାନ୍ ପଛରେ। ଇରାନ ଏବେ ଜୋରସୋର୍ ପ୍ରସ୍ତୁତି ଚଳାଇଛି ତା'ର ପରମାଣୁ ପରୀକ୍ଷଣ ପାଇଁ ଯାହା କି ଆମେରିକା ପାଇଁ ବି ଚିନ୍ତାର ବିଷୟ ପାଲଟିଛି। ସେଥିପାଇଁ ତ ବାଘକୁ ଫାଗର ଭୟ। ଯଦି ଆମେରିକା ମନରେ ଭୟ ରହୁଛି, ତେବେ ଇସ୍ରାଏଲ୍ ବି ସେ କଥା ବୁଝିବା ଦରକାର। ଯଦି ଇସ୍ରାଏଲ୍ ଇସ୍ଲାମିକ୍ ଦେଶ ସମୁହ ଉପରେ ଇସ୍ରାଏଲ୍ ତା'ର ଆକ୍ରମଣ ଜାରି ରଖେ , ତେବେ ଆଗାମୀ ସମୟରେ ଇସ୍ରାଏଲ୍ ପାଇଁ ସୃଷ୍ଟି ହେବ ବଡ଼ ଧରଣର ବିପଦ ଯାହାର ଅନୁମାନ ଏବେଠାରୁ ଲଗାଇବା ଆରମ୍ଭ କଲାଣି ଆମେରିକା। ତେବେ ଆମେରିକା୍ର ତାଗିଦ୍ ସତ୍ୱେ ମାନୁନି ଇସ୍ରାଏଲ୍ । ହୁଏତ ଇସ୍ରାଏଲକୁ ଲାଗିଛି ଯୁଦ୍ଧ। ସେହି ନିଶା ଯାହାକି ନେତନ୍ୟାହୁଙ୍କ ପାଇଁ ଭବିଷ୍ୟତର ସତର୍କ ଘଣ୍ଟି।

# ପରିଣାମ

ଜିତିବାବାଲା ତ ଜିତିଲେ, ହେଲେ ହାରିବାବଲା କିନ୍ତୁ ବିଗିଡ଼ିଗଲେ। ଫେଲ୍ ହୋଇଥିବା ପିଲାମାନଙ୍କୁ ସମସ୍ତେ ଚିଡ଼ାଇଲେ। ପରୀକ୍ଷାର ଫଳାଫଳ ପ୍ରକାଶ ପାଇଗଲା। କିଏ ପାସ୍ ହେଲା ତ କିଏ ଫେଲ୍ । ଗାଁ ସ୍କୁଲ୍‌ରେ ପଢୁଥିଲେ ରାମ ଓ ଦାମ। ସେହି ସ୍କୁଲ୍ ରେ ବି ପଢୁଥିଲେ ରାନୀ ଏବଂ ମାନୀ। ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଲା। ସ୍କୁଲ୍ ର ପ୍ରାୟ ସମସ୍ତ ପିଲା ପାସ୍ ହୋଇଗଲେ। ହେଲେ ଦୁର୍ଭାଗ୍ୟବଶତଃ ଦାମ ଏବଂ ମାନୀ ଫେଲ୍ ହୋଇଗଲେ। ଅନ୍ୟମାନେ ସେମାନଙ୍କୁ ପରିହାସ କଲେ। ସେମାନେ ତ ଠିକ୍ ଭାବରେ ପଢ଼ାପଢ଼ି କରୁଥିଲେ। ତଥାପି ସେମାନେ କିନ୍ତୁ ଫେଲ୍ ହୋଇଗଲେ। କାରଣ କେଉଁଠି ନା କେଉଁଠି ତ୍ରୁଟି ରହିଗଲା। ଯେ ପାଇଁ ସେମାନେ ଫେଲ୍ ହୋଇଗଲେ। ତ୍ରୁଟି କ'ଣ ହୋଇପାରେ। ପଢ଼ାପଢ଼ିରେ କେବଳ ତ୍ରୁଟି ହୋଇପାରେ। ଏହା ତ ସାଧାରଣ କଥା। ସେମାନେ ପଢ଼ାପଢ଼ିରେ ଭଲ ଥିଲେ, ତେବେ ଶେଷ ମୁହୂର୍ତ୍ତରେ ସେମାନଙ୍କ ପଢ଼ାପଢ଼ିରେ ନିଶ୍ଚିତରୂପେ କିଛି ନା କିଛି ତ୍ରୁଟି ରହିଗଲା। ଅବହେଳା ରହିଗଲା। ଯେଉଁଥିପାଇଁ ସେମାନେ ଫେଲ୍ ହୋଇଗଲେ। ଘରେ ବାହାରେ ସବୁଆଡେ ସେମାନଙ୍କୁ ଶୁଣିବାକୁ ପଡ଼ିଲା। କେତେବେଳେ ସେମାନେ ଘରେ ଶୁଣିଲେ ତ କେତେବେଳେ ସେମାନେ ଘର ବାହାରେ ବି ଶୁଣିଲେ। ସବୁଆଡୁ ଶୁଣାଶୁଣି କରି ସେମାନେ ଶେଷରେ ଥକି ପଡ଼ିଲେ। ଭାରି ମନ ଦୁଃଖରେ ସେମାନେ ଏପଟ ସେପଟ ହେବାରେ ଲାଗିଲେ। କେବେ କେବେ ତାଙ୍କ ମନ ଭାରୀ ଖରାପ ହୋଇଗଲା । କେତେବେଳେ ଯେ ସେମାନେ ଯେ କ'ଣ ନିଷ୍ପତ୍ତି ନେଇଯିବେ , ସେମାନେ ନିଜେ ବି ଜାଣିପାରୁ ନଥିଲେ। ଏମିତି ସେମିତି ମନ ଦୁଃଖରେ ବୁଲାବୁଲି କରୁ କରୁ ସେମାନେ ଦିନେ ଏକାଠି ହୋଇଗଲେ। ପରସ୍ପରର ଦୁଃଖ କୁ ସେୟାର କଲେ। ତଥାପି ସେମାନଙ୍କ ଦୁଃଖ କେବେ ବି ଲାଘବ ହେଲାନାହିଁ । ସେମାନେ କେବେ କେବେ କିଛି ଭୁଲ୍ ନିଷ୍ପତ୍ତି ନେବାପାଇଁ ସେମାନେ ଆଗଭର ହୋଇଯାଉଥିଲେ। ପୁଣି କାହିଁକି କେଜାଣି ସେମାନଙ୍କ ମନ ଏବଂ ବିବେକ ସେମାନଙ୍କୁ ଅଟକାଉଥିଲା। ତଥାପି ଭରସା ପାଉନଥିଲା। ଏଣୁ ସେମାନଙ୍କ ପରିବାର ଲୋକେ ସମୟ ସମୟରେ ବ୍ୟସ୍ତବିବ୍ରତ ହୋଇପଡୁଥିଲେ। ସେମାନଙ୍କ ପରିବାର ଲୋକେ ବେଳେ ବେଳେ ଚିନ୍ତିତ ହୋଇପଡୁଥିଲେ। କାଳେ କେତେବେଳେ କିଛି ଭୁଲ୍ ପଦକ୍ଷେପ ନେଇଯିବେ ସେମାନେ । ଥରେ ଏକୁଟିଆ ବୁଲାବୁଲି କରୁଥିବା ସମୟରେ ସେମାନେ ରାମ ଏବଂ ରାନୀଙ୍କୁ ସାମ୍ନା କଲେ ଯେଉଁମାନଙ୍କ ଠାରୁ ସେମାନେ ଧୈର୍ଯ୍ୟର ଶିକ୍ଷା ପାଇଲେ ଯାହାର ଫଳ ମିଠା ବୋଲି ସମସ୍ତେ ଜାଣନ୍ତି, ଯାହାର ଫଳ ଅତି ମଧୁର ବୋଲି ସମସ୍ତେ ଅନୁଭବ କରନ୍ତି। ପରୀକ୍ଷା ତ ଲାଗି ରହିବ ଜୀବନରେ । ତେବେ ପରୀକ୍ଷା ପରବର୍ତ୍ତୀ ଫଳାଫଳ କିନ୍ତୁ ସବୁବେଳେ ସମାନ ରହେନାହିଁ।

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଭକ୍ତ କବି

# 'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି'



**ଅଲେଖ ଚନ୍ଦ୍ର ସାମଲ**

'ଯେତେକ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର। ଏ ଦେବଙ୍କ ଉତ୍ତମ, ଶ୍ରୀକ୍ଷେତ୍ର ଏ ପୁରୁଷୋତ୍ତମ' – କବି ଜଗନ୍ନାଥ ଦାସ'ଶ୍ରୀଜଗନ୍ନାଥ ଚରିତ୍ରାମୃତ ଚତୁର୍ଥ ଅଧ୍ୟାୟ'ରେ ଶ୍ରୀକ୍ଷେତ୍ରର ମହାତ୍ମ୍ୟ ସମ୍ପର୍କରେ ନିଜ ଭାବନା ବ୍ୟକ୍ତ କରିଛନ୍ତି। ସେହିଭଳି କବି ଅର୍ଜୁନ ଦାସ ତାଙ୍କ 'କଳ୍ପଲତା' ପୁସ୍ତକରେ ଉଲ୍ଲେଖ କରିଛନ୍ତି – 'ନାମ ଜଗନ୍ନାଥ ଶ୍ରୀମୁଖ କଳା, ବିକଚ ଶ୍ୱେତପଦ୍ମ ବେନି ଡୋଳା।' 'ଜଗମୋହନ ରାମାୟଣ'ରେ ଉଲ୍ଲେଖ ଅଛି – 'ବନ୍ଦଇ ଜଗନ୍ନାଥ କମଳାଦେବୀର ପତି, ନୀଳଗିରି ସୁନ୍ଦର ଅପୂର୍ବ ଦିବ୍ୟମୂର୍ତ୍ତି'। ଆବହମାନ ସମୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟପାବନ ଭୂମିରେ ସମୟ ଅତିବାହିତ କରି ଅନେକ ଭକ୍ତକବି ତାଙ୍କ ଲୀଳା ବର୍ଣ୍ଣନା କରିଛନ୍ତି। ସମୟର ବିବର୍ତ୍ତନରେ ଆସିଛି ଅନେକ ପରିବର୍ତ୍ତନ। ନୂତନ ଆଲୋକର ଶିଖା ଏହାର ଦିଗବଳୟକୁ ଆଲୋକିତ କରିଛି ସତ; କିନ୍ତୁ ପୁରାତନର ଆଭା ସଂପୂର୍ଣ୍ଣ ଲିଭି ଯାଇନି ବରଂ ଏହା ଆମର ସଂସ୍କୃତିକୁ କରିଛି ଆହୁରି ପୁଷ୍କଳ ଓ ଋଦ୍ଧିମନ୍ତ। ଓଡ଼ିଶାରେ ମହାପ୍ରଭୁଙ୍କ ଭକ୍ତକବିଙ୍କ ସମ୍ପର୍କରେ ଆଲୋଚନା କରି ବସିଲା ବେଳକୁ ସର୍ବପ୍ରଥମେ ଦୃଷ୍ଟିକୁ ଆସନ୍ତି ଭକ୍ତକବି ସାରଳା ଦାସ : ସେ ତାଙ୍କ 'ମହାଭାରତ'ରେ ଜୀବନ ଚେତନା, ସାମାଜିକ ଶୃଙ୍ଖଳା, ତତ୍କାଳୀନ ଜାତି, ଧର୍ମ, ଲୋକଚରିତ୍ର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତାଙ୍କ ସାହିତ୍ୟ ହେଉଛି ଶ୍ରେଷ୍ଠ ସାହିତ୍ୟ ଯେଉଁ ସାହିତ୍ୟ ଲୋକଜୀବନକୁ ଯୁଗେ ଯୁଗେ ଅନୁପ୍ରାଣିତ କରିଚାଲିଛି। ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଭକ୍ତକବି ସାରଳା ଦାସଙ୍କ ମହାଭାରତ ଜନଜୀବନର ସଫଳ ପ୍ରତିଫଳନ। ତାଙ୍କର ସୃଷ୍ଟି ସମ୍ପଦ ସେହି କାରଣରୁ କେବଳ ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ ନୁହେଁ, ଯୁଗ ଯୁଗ ଧରି ତାହା ଓଡ଼ିଆ ସମାଜର ଅଭୂତ ପ୍ରେରଣାର ଉତ୍ସ ହୋଇ ଆସିଅଛି। ମଧ୍ୟଯୁଗୀୟ ସମୟରେ ଚୈତନ୍ୟଦେବଙ୍କ ଓଡ଼ିଶା ଆସିବା ପରେ ଏଠି ଗୌଡ଼ୀୟ ବୈଷ୍ଣବ ଚେତନାର ଧାରା ପ୍ରବାହିତ ହୋଇଥିଲା। ଭକ୍ତକବି ଯଶୋବନ୍ତ ଦାସ ଥିଲେ ସେହି ଚେତନାର ଅଗ୍ରଦୂତ। ତାଙ୍କ ରଚିତ ଭଜନଗୁଡ଼ିକରେ ବାସ୍ତବରେ ବୈଷ୍ଣବ ଭକ୍ତିଭାବ ଓ ଜୀବନ ଦର୍ଶନ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ। ସେ ଲେଖିଛନ୍ତି – 'ସୁମନ ଆରେ ମୋ ବୋଲ କର, ସୁସଙ୍ଗେ ସୁପଥେ ଯାଅରେ। ଅଗାଧ ଜଳ ନପାଇ ସ୍ଥଳ ହରିନାମ ମୁଖେ ଗାଅରେ।' ଏହି ଭଜନରେ ସାଧାରଣ ଜନ ସମାଜ ମଧ୍ୟରେ ନୈତିକ ସଂସ୍କାର ଆନୟନ ପାଇଁ ପ୍ରଚେଷ୍ଟା ହୋଇଛି। ସେ ଯେ ଜଣେ ପରମ ବୈଷ୍ଣବ ତାହା ଅନୁମିତ ହୋଇଥାଏ। ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୈଷ୍ଣବ ସାଧକଙ୍କ ଗୋଷ୍ଠୀ 'ପଞ୍ଚସଖା' ଭାବରେ ପରିଚିତ ଥିଲେ। ତାଙ୍କ ଭିତରୁ ମହାପ୍ରଭୁଙ୍କ ପଙ୍କଜର ଭକ୍ତିର ନୈବେଦ୍ୟ ଢ଼ାଳି ବିଶେଷକରି ଶିଶୁ ସମ୍ପ୍ରଦାୟର ପ୍ରତିଷ୍ଠାତା ଥିଲେ ଭକ୍ତକବି ଶିଶୁ ଅନନ୍ତ। ଓଡ଼ିଆ ସାହିତ୍ୟକୁ ଅତୁଳନୀୟ ଦାନ ଦେଇଥିବା ଭକ୍ତକବି ଶିଶୁ ଅନନ୍ତ ଦାସଙ୍କ ପ୍ରଭାବ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଦେଖାଦେଇଥିଲା। ଅନେକ ବୈଷ୍ଣବ କବି ସାଧନା କ୍ଷେତ୍ରରେ ନିଜ ନାମ ପୂର୍ବରୁ ଶିଶୁ ଶବ୍ଦ ଯୋଗ କରୁଥିଲେ। ସେମାନଙ୍କ ଭିତରେ ଶିଶୁ ଅର୍ଜୁନ ଦାସ, ଶିଶୁ ବନମାଳୀ ଦାସ, ଶିଶୁ ଶଙ୍କର ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ। ଆମ ଓଡ଼ିଆ ଆଧ୍ୟାତ୍ମିକ ଗ୍ରନ୍ଥ ସାହିତ୍ୟରେ 'ବ୍ରହ୍ମଜ୍ଞାନ ଗୀତା' ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ। ଅଠରଟି ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ ସିଦ୍ଧକବି ପର୍ଶୁରାମ ବିହାରୀ। ଶ୍ରୀଜଗନ୍ନାଥ ଚେତନାରେ ସେ ଏକ ଭାବପୂର୍ଣ୍ଣ ଭକ୍ତିଧାରା ଚଉପଦି ଭାବରେ ସୃଷ୍ଟି କରିଥିଲେ ତାହା ହେଉଛି ପୁଣି 'ଆହେ ଚକାଡ଼ୋଳା। ତୁମ୍ଭେ ଥାଉଁ ଥାଉଁ ବୁଡୁଅଛି ଭେଳା ହେ' ଅନ୍ୟ ଏକ ଚଉପଦୀରେ ଶ୍ରୀରାଧାଙ୍କର ବିରହ ଜ୍ୱର ଘୁଞ୍ଚିବା ପାଇଁ ଶ୍ରୀରାଧା ଖୋଜିଛନ୍ତି ରୁଚିକର ଖାଦ୍ୟ। କେବଳ ହିଁ ଶ୍ରୀକୃଷ୍ଣ ନାମରୋଚକ ବିଭିନ୍ନ ଖାଦ୍ୟ ପଦାର୍ଥ। ଏହି ଖାଦ୍ୟ ଭିତରେ ରହିଛି ଓଡ଼ିଆ ଗାଁ ଗହଳିର ଖାଦ୍ୟ। ଓଡ଼ିଆ ସାହିତ୍ୟରେ ଆମେ ଅନ୍ୟ ଅଧ୍ୟାୟରେ ଆଲୋଚନା କରିଥିବା ଦୀନକୃଷ୍ଣ ବା କୃଷ୍ଣ ଦାସ ନାମରେ ଏକାଧିକଙ୍କୁ ଆମେ ସାହିତ୍ୟ ସାଧନା କ୍ଷେତ୍ରରେ ପାଇଛୁ ସେହିଭଳି ଓଡ଼ିଆ ସାହିତ୍ୟରେ ମଧ୍ୟ ଅତି ପରିଚିତ ଭକ୍ତ କବି ହେଉଛି ଭକ୍ତକବି ବନମାଳୀ ଦାସ (ଜେନା)। ତାଙ୍କ କାଳଜୟୀ ରଚନା ଗୁଡ଼ିକ ହେଉଛି 'ବର୍ଷାକାଳୀନ ରାସ', 'ପ୍ରଣେତା ବନମାଳୀ ସାମନ୍ତରାୟ', 'ରାଧିକା ବୋଲି' ଓ 'ବଡ଼ ଉଦ୍ଧବ ଚଉତିଶା'ର ରଚୟିତା ଦ୍ୱିଜ ବନମାଳୀ, 'ଚାଟ ଇଚ୍ଛାବତୀ' ଏବଂ 'ବନମାଳୀ ରାସ' ପ୍ରମୁଖ। ତାଙ୍କ ରଚିତ ସୁବିପୁଳ ରାସଗ୍ରନ୍ଥ 'ବନମାଳୀ ରାସ'ରେ ଉଲ୍ଲେଖ ଅଛି – 'ବାଳୁତ ମତି ଦୁର୍ବୁଦ୍ଧି ଅଗମ୍ୟ ଜଡ଼ ଦେହୀ, ବର୍ଣ୍ଣେଣ ଗୋପାଳ ମୁଁ ସୁଜନ ସଙ୍ଗ ନାହିଁ। ପିତା ମୋହନ ଜେନା ପରେଣ ଉପଗାର, ତାହାଙ୍କ ଧର୍ମରୁ ସେ ନିର୍ମଳ ମୋ ଶରୀର।' ମୋଟ ଉପରେ ଦେଖିବାକୁ ଗଲେ ଉତ୍କଳୀୟ ବୈଷ୍ଣବ ଧର୍ମଧାରଣାରେ ଦୀକ୍ଷିତ କବି ବନମାଳୀ ଧର୍ମ କ୍ଷେତ୍ରରେ ଅତ୍ୟନ୍ତ ଉଦାର ଓ ସମନ୍ୱୟବାଦୀ ଥିବାର ମନେହୁଏ। 'ବାପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ, ଏ କୁଳେ ଜନ୍ମିଲି ହିନ୍ଦୁ ନଖାଏ ମୋ ପାଣି। ପିତା ମୋ ମୋଗଲ ବେଟା ମାତା ମୋ ବ୍ରାହ୍ମଣୀ, ହୀନ କୁଳେ ଜାତ ମୁହିଁ ହିନ୍ଦୁ ନ ଛୁଏଁ ପାଣି।' – ଖ୍ରୀଷ୍ଟ ୧୬୭୮ବେଳକୁ ମହାପ୍ରଭୁଙ୍କ ଜଣେ ଏପରି ଭକ୍ତ ଯିଏ ନିଜ ସୃଷ୍ଟି ଓ ଜୀବନର ଭାବପୂର୍ଣ୍ଣ ଅଭିବ୍ୟକ୍ତିକୁ ଓଜନିଆ କଣ୍ଠରେ ଓ ଆବେଗପୂର୍ଣ୍ଣ ଭାବରେ ଉଲ୍ଲେଖ କରିଥିଲେ ସେ ହେଉଛନ୍ତି ଯବନଭକ୍ତ ଭକ୍ତକବି ସାଲବେଗ। ତାଙ୍କ ରଚନାରୁ ତାଙ୍କ ପିତା ଜଣେ ଯବନ ଓ ମାତା ବ୍ରାହ୍ମଣୀ ବୋଲି ସୂଚାଇ ଅଛନ୍ତି। ଆଲୋଚନାରୁ ଜଣାଯାଏ ଯେ ତାଙ୍କ ପିତା ଥିଲେ ଜାହାଙ୍ଗୀର କୁଲି ଖାଁ। ଯାହାଙ୍କୁ ସମସ୍ତେ ଲାଲବେଗ ନାମରେ ଜାଣିଥାନ୍ତି। ସାଲବେଗଙ୍କ ଭାବପୂର୍ଣ୍ଣ ଶ୍ରୀଜଗନ୍ନାଥଙ୍କ ଆବେଗଭରା ଭଜନ ଗୁଡ଼ିକ ଭକ୍ତଜନ ତାଙ୍କ କଣ୍ଠ ଭୂଷଣ ହୋଇଥାଏ। ଓଡ଼ିଶାରେ ଜଣାଣ ଭଜନ, ଚଉତିସା ଠାରୁ ଅଳଙ୍କାରପୂର୍ଣ୍ଣ ରାଧାକୃଷ୍ଣ ପ୍ରଣୟ ବିଳାସ ହେଉ ବା ପ୍ରକୃତିରୂପିଣି ରାଧିକା ଏ ସବୁକୁ ଅତି ଲାଳିତ୍ୟ ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାରେ ଯିଏ ମଧୁର ଧ୍ୱନୀମୟ କରି 'କଲ୍ଲୋଳେ ପଦଲାଳିତ୍ୟମ' କରି ଗ୍ରନ୍ଥ ସୃଷ୍ଟି କରିଥିଲେ ସେ ହେଉଛନ୍ତି ଭକ୍ତକବି ଦୀନକୃଷ୍ଣ । ଦୀନକୃଷ୍ଣ ସପ୍ତଦଶ ଶତକର କବି। ଏହି ସମୟଟି ହେଉଛି ଓଡ଼ିଆ ସାହିତ୍ୟରେ ରୀତି ଚେତନାର ଯଥାର୍ଥ ଅଭ୍ୟୁଦୟକାଳ। କବି ଦୀନକୃଷ୍ଣ, ସୃଷ୍ଟି, ସ୍ଥିତି, ଲୟର ଏକମାତ୍ର କର୍ତ୍ତା ରୂପେ ଜଗନ୍ନାଥଙ୍କର ଅନନ୍ୟତାକୁ ସ୍ୱୀକାର କରି ନିଜ ସୃଷ୍ଟିରେ ତାଙ୍କର ସେଇ ଭାବମୂର୍ତ୍ତିକୁ ସ୍ପଷ୍ଟ କରିଛନ୍ତି। ବାଲୁଗାଁର ଭକ୍ତ ଦାସିଆଙ୍କ ଘଟଣା ହେଉଛି ଖ୍ରୀଷ୍ଟ ୧୬୨୫ ସମୟର। ତାଙ୍କ ପ୍ରଦତ୍ତ ନଡ଼ିଆ ଅଦୃଶ୍ୟ ଭାବରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଗ୍ରହଣ କରିବା କାଳ କାଳ ପାଇଁ ଭକ୍ତ ଓ ଭଗବାନ ସମ୍ପର୍କରେ ଏକ ଭାବପୂର୍ଣ୍ଣ ଉଦାହରଣ ହୋଇ ରହିଗଲା। 'ଆଗତ ଭବିଷ୍ୟତ ମାଳିକା' ଓ 'ଭକ୍ତ ମାଳିକା' ସୃଷ୍ଟି କରିଥିବା ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ହେଉଛନ୍ତି ଭକ୍ତ ଦାସିଆ ବାଉରୀ। 'ଆଗତ ଭବିଷ୍ୟତ' ଗ୍ରନ୍ଥର ମଙ୍ଗଳା ଚରଣରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀୟା ଦେବୀବର, ଶ୍ରୀଧର, କମଳା ମନୋହାରୀ ଶଙ୍ଖଚକ୍ର ପଦ୍ମଧାରୀ ପ୍ରଭୃତି ରୂପରେ କବି ବନ୍ଦନା କରି ତାଙ୍କର ଚରଣ କମଳରେ ଶରଣ ଭିକ୍ଷା କରିଛନ୍ତି। ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ 'ରସିକ ହରାବଳୀ' ସୃଷ୍ଟି କରିଥିବା କବି ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କଳାକଉତୁକ' ଓ 'ଛାନ୍ଦ ଭୂଷଣ' ଯେଉଁଥିରେ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ କବି ଅଭେଦ କଳ୍ପନା କରିଛନ୍ତି। 'ଲାବଣ୍ୟବତୀ', 'ବୈଦେହୀ ବିଳାସ', 'ପ୍ରେମସୁଧାନିଧି', 'ରସଲେଖା', 'କଳାକଉତୁକ' ଓ 'ନୀଳାଦ୍ରିଶ ଚଉତିଶା' ପ୍ରଭୃତି କାବ୍ୟ ଗ୍ରନ୍ଥରେ କବି ଜଗନ୍ନାଥଙ୍କର ବନ୍ଦନା କରିବା ସଙ୍ଗେ ସଙ୍ଗେ ରାମ ଓ କୃଷ୍ଣଙ୍କୁ ଲୀଳା ଅବତାର ଭାବରେ ବର୍ଣ୍ଣନା କରି ନିଜ ଭକ୍ତି ଅର୍ପଣ କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର କବିଙ୍କ ସମ୍ପର୍କରେ ଯାହା ତଥ୍ୟ ମିଳେ ତାଙ୍କ ଘଟଣା ହେଉଛି ୧୭୩୮ ସମୟର। 'ଗଜ ଉଦ୍ଧାରଣ', 'ଦ୍ରୌପଦୀ ଲଜ୍ଜା ନିବାରଣ', 'ବାଳୀବଧ' ଓ 'ଅଜାମିଳ ଉଦ୍ଧାର' ପରି ଭକ୍ତି ନୈବେଦ୍ୟପୂର୍ଣ୍ଣ ଗ୍ରନ୍ଥ ରଚନା କରିଥିବା ଓଡ଼ିଶାର ଅନନ୍ୟ ପ୍ରମୁଖ କବି ହେଉଛନ୍ତି କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା। ୧୭୫୭-୧୮୦୬ ସମୟର କଥା। ସେହି ସମୟରେ ଓଡ଼ିଶାରେ ଭକ୍ତକବି ଭାବେ ଅନେକ କାଳଜୟୀ ସୃଷ୍ଟି କରିଛନ୍ତି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର। ତାଙ୍କର ଉଲ୍ଲେଖନୀୟ କାବ୍ୟ ହେଉଛି 'ବିଦଗ୍ଧ ଚିନ୍ତାମଣି'। ଯେଉଁଥିରେ ରାଧାକୃଷ୍ଣଙ୍କ ମାନଭଞ୍ଜନ ଲୀଳା ବର୍ଣ୍ଣନା କରିବା ପ୍ରସଙ୍ଗରେ ଜଗନ୍ନାଥଙ୍କ ରଥଯାତ୍ରାବେଳେ ଗୁଣ୍ଡିଚା ବାଡ଼ିରେ ଥିବା ରଥକୁ ହେରାପଞ୍ଚମୀ ଦିନ ଯାଇ ଲକ୍ଷ୍ମୀଦେବୀ ରଥରୁ ଖଣ୍ଡେ ଭାଙ୍ଗି ଆଣିବା କାର୍ଯ୍ୟକୁ ଉପମା ଦେଇ ଏଠାରେ ପ୍ରକାଶ କରିଛନ୍ତି। ୧୭୭୨ ଖ୍ରୀଷ୍ଟାବ୍ଦର କବି ହେଉଛନ୍ତି ଭକ୍ତକବି ହାଡ଼ି ଦାସ। ତାଙ୍କର ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି 'ଶଙ୍ଖନାଭି'। ଏହି ଗ୍ରନ୍ଥରେ ଏକୋଇଶିଟି ଅଧ୍ୟାୟ ରହିଛି ଯେଉଁଥିରେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ବ୍ରହ୍ମାଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ଶ୍ରୀକ୍ଷେତ୍ରର ଗୌରବ ଓ ଜଗନ୍ନାଥଙ୍କ ବିଭେଦ ତତ୍ତ୍ୱ ବର୍ଣ୍ଣିତ ହୋଇଛି। ତାଙ୍କର ଅନ୍ୟତମ ସୃଷ୍ଟି ହେଉଛି 'କ୍ଷେତ୍ର ମାହାତ୍ମ୍ୟ', 'ନୀଳମାଧବ ଗୀତା', 'ଶଙ୍ଖନାଭି ଭୈଇରବ ସ୍ତୁତି', 'ଅନନ୍ତଗୋଇ' ପ୍ରମୁଖ। ସେ ତାଙ୍କ ଶେଷ ଜୀବନ ଜଗନ୍ନାଥଙ୍କ ସ୍ତୁତି କରି ପୁରୁଷୋତ୍ତମ କ୍ଷେତ୍ରର ମହନୀୟତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ନୀଳାଦ୍ରି ବିହାରୀଙ୍କ ପାଦପଦ୍ମରେ ଲୟ ରଖିଛନ୍ତି। ଶ୍ରୀକ୍ଷେତ୍ରରେ ବେଢ଼ାର ଦେବାଦେବୀଙ୍କ ବର୍ଣ୍ଣନ ସହ ପରଂବ୍ରହ୍ମ ଚତୁର୍ଦ୍ଧା ବିଗ୍ରହ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ବର୍ଣ୍ଣନା କରି ଭକ୍ତି ଗୀତିକା 'ଚନ୍ଦ୍ରକଳା', 'ସର୍ପ ଜଣାଣ', 'ମହାବାହୁ ଜଣାଣ' ପରି କାଳଜୟୀ ସୃଷ୍ଟି କରିଥିବା କବି ହେଉଛନ୍ତି କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ। ତାଙ୍କ ରଚନାର ସ୍ୱତନ୍ତ୍ରତା ହେଉଛି ତାଙ୍କ ଲେଖନୀ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର 'କ୍ଷ' ଗୀତରେ ରାଧାକୃଷ୍ଣ ଲୀଳାର ଉପସଂହାର ହୋଇଛି। ୧୮୫୭ ଖ୍ରୀଷ୍ଟାବ୍ଦର ସିପାହୀ ବିଦ୍ରୋହରେ ଭାଗ ନେଇଥିବା ପୁରୀର ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ଜନପ୍ରିୟ ଜଣାଣ ଶ୍ରୋତାମାନଙ୍କୁ ଆଲୋଡ଼ିତ କରିଥିଲେ। ତାଙ୍କ ପ୍ରମୁଖ ରଚନା ଗୁଡ଼ିକ ହେଉଛି ଯାହା ଅନେକଙ୍କ ପାଇଁ ତାଙ୍କ ଅନ୍ୟତମ ନାମ ଚନ୍ଦନ ହଜୁରୀଙ୍କ ରଚନା ଭାବେ ପ୍ରସିଦ୍ଧ ସେଗୁଡ଼ିକ ହେଉଛି 'କରୀ' ଓ 'ହରିଣୀର ଜୀବନ ରକ୍ଷକ', 'ସୁଦାମା ଦରିଦ୍ର ନାଶକ', 'ପାପୀ ଅଜାମିଳର ମୁକ୍ତିପ୍ରଦାତା' ପ୍ରମୁଖ। ଯେଉଁଥିରେ ସେ ସ୍ୱୟଂ ନିଜର ମୁକ୍ତି ପାଇଁ ପ୍ରାର୍ଥନା ଘେନା କରିଛନ୍ତି। ଉତ୍କଳମଣି ଗୋପବନ୍ଧୁଙ୍କ ସମୟ ହେଉଛି ଖ୍ରୀ: ୧୮୭୭-୧୯୨୮ ବେଳର। ସେ ମହାପ୍ରଭୁ ଜଗନ୍ନାଥ ଆଉ ନୀଳାଚଳଧାମ ସମ୍ପର୍କରେ ଲେଖନୀ ଚାଳନା କରି ଉଲ୍ଲେଖ କରିଥିଲେ – 'ଜଗତର ସରସୀ ଭିତରେ ଭାରତ କମଳ ମଧ୍ୟରେ କେଶର ହେଉଛି ପୁଣ୍ୟ ନୀଳାଚଳଧାମ'। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସେହି ନୀଳାଚଳଧାମରେ ସାମ୍ୟ ମୈତ୍ରୀ ମନ୍ତ୍ରର ଉଚ୍ଚାରଣ ସ୍ଥାନର ଗୌରବକୁ ବୃଦ୍ଧି କରେ। ରସିକ କବି ବୈଷ୍ଣବ ପାଣିଙ୍କ ସମୟ ହେଉଛି ଖ୍ରୀ: ୧୮୮୨-୧୯୫୬ ବେଳର। ତାଙ୍କର ଏକ ଲାଳିତ୍ୟପୂର୍ଣ୍ଣ ଲେଖାର ଧାଡ଼ିଟି ହେଉଛି – 'ବଡ଼ ଦେଉଳର ବଡ଼ ଗୋସାଇଁ ଯେଉଁଠୁ ମାଡ଼ ଖାଆନ୍ତି ସେହିମାନଙ୍କୁ ବର ଦିଅନ୍ତି'। କେବଳ ସେତିକି ନୁହେଁ ମହାପ୍ରଭୁଙ୍କୁ ପୁଣି ହାତୀ ମୁଖ ଓ ଜାତିଗୋତ୍ର ହୀନ ବୋଲି କହି ମୃଦୁ ଭର୍ତ୍ସନା କରିଛନ୍ତି। କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ ସମୟ ହେଉଛି ୧୮୯୮-୧୯୭୮ ବେଳର। ସେ ଅତି ଲାଳିତ୍ୟପୂର୍ଣ୍ଣ ଭାବରେ ମହାପ୍ରଭୁଙ୍କ ଉପରେ ଦରଦୀ ହୃଦୟରେ ଅଭିମାନ କଣ୍ଠରେ ଅଳି କରିଛନ୍ତି 'ତାଙ୍କ ପାଇଁ ସେହି କରୁଣାର ସିନ୍ଧୁ ଶୁଖି ଯାଉଛି କିନ୍ତୁ ପତିତପାବନ ବାନା ଉଡାଇ ନନ୍ଦିଘୋଷ ରଥରେ ବିଜେ ହୋଇ ଜଗବନ୍ଧୁ ଜନସମୁଦ୍ରରୁ ଜନ ମନର ଦୁଃଖକୁ ଦୂର କରୁଛନ୍ତି'। ରାଧାମୋହନ ଗଡ଼ନାୟକ ହେଉଛନ୍ତି ଖ୍ରୀ:ଅ ୧୯୧୦ ସମୟର। ତାଙ୍କର ଉଲ୍ଲେଖନୀୟ କବିତାଟି ହେଉଛି 'ଶ୍ରୀୟା ଚଣ୍ଡାଳୁଣୀ'। ଯେଉଁଥିରେ ମାର୍ଗଶୀର ମାସର ମାହାତ୍ମ୍ୟ ଉଲ୍ଲେଖ କରିବା ସହ ଏ କଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଲକ୍ଷ୍ମୀଙ୍କର ମନସ୍କାମନା ପୂର୍ଣ୍ଣ ପାଇଁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭେଦାଭେଦ ଭୁଲି ସମସ୍ତେ ଏକମନ ଏକ ପ୍ରାଣରେ ସେହି ଚଣ୍ଡାଳ ହାତରୁ ମହାପ୍ରସାଦ ସେବନ କରିବେ ବୋଲି ଜଗନ୍ନାଥ କହିଛନ୍ତି। ଭକ୍ତକବି ନାରାୟଣାନନ୍ଦ ଅବଧୂତସ୍ୱାମୀ ହେଉଛନ୍ତି 'ରୁଦ୍ରାସୁଧାନିଧି'ର ଲେଖକ। ତାଙ୍କ ରଚନାରେ ଶୈବ, ଶାକ୍ତ, ବୈଷ୍ଣବ ତାନ୍ତ୍ରିକ ମତବାଦ, କାପାଳିକ ମତ, ପାଶୁପତ ମତ ଏବଂ ବୌଦ୍ଧମତ ମଧ୍ୟ ପ୍ରସଙ୍ଗକ୍ରମେ ଉତଥାପିତ ହୋଇ ଏକ ମନୋରମ ପରିବେଶ ସୃଷ୍ଟି କରିଛି। ସେ କେବଳ ଜଣେ ସାଧାରଣ କବି ବା ଭକ୍ତ ନଥିଲେ ସେ ଥିଲେ ଜଣେ ଦାର୍ଶନିକ, ଭକ୍ତକବି, ପଣ୍ଡିତ, ତାନ୍ତ୍ରିକ ଏବଂ ଧର୍ମ ପ୍ରବକ୍ତା ରୂପେ ଖ୍ୟାତି ଅର୍ଜନ କରିଛନ୍ତି। ଭକ୍ତକବି ରାୟ ରାମାନନ୍ଦ ହେଉଛନ୍ତି ପ୍ରେମ ଭକ୍ତିର ସାଧକ। ତାଙ୍କ ଶ୍ରେଷ୍ଠ ରଚନା ଯାହା ସର୍ବ ପ୍ରଥମେ ସଂସ୍କୃତ ଭାଷାରେ ଲେଖା ହୋଇଥିଲା ତାହା ହେଉଛି 'ଜଗନ୍ନାଥ ବଲ୍ଲଭ' ଓ 'ଦଣ୍ଡାତ୍ମକ ଲୀଳା', 'ପଦ କଳ୍ପତରୁ', 'ମନ୍ତ୍ର ନିରୂପଣ' ପ୍ରମୁଖ। ଯେଉଁଥିରେ ପୂଜା ଉପାସନା ଓ ରାଧାକୃଷ୍ଣ ଲୀଳା ଉଲ୍ଲେଖ ରହିଛି। ଭକ୍ତକବି ମାର୍କଣ୍ଡ ଦାସ ହେଉଛନ୍ତି ଓଡ଼ିଶାରେ ଏପରି ଜଣେ ପ୍ରାତଃ ସ୍ମରଣୀୟ କବି ଯିଏ କି ଏକାନ୍ତ ନୀରବରେ ଅନେକ ଭକ୍ତିର ଅଧିକାରୀ ଓ ତାଙ୍କ ଲେଖନୀ ଚଳଚଞ୍ଚଳ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ସବୁ ରହିଛି। 'କେଶବ କୋଇଲି' ଓଡ଼ିଆ ଶିଶୁର ନିତିଶୁଣା ଗାନ। ଓଡ଼ିଆ ବାଳକର ଅଭ୍ୟସ୍ତ ପଦ୍ୟ ଓ ଓଡ଼ିଆ ମାଆର ଅତ୍ୟନ୍ତ ପରିଚିତ ଗୀତିକା। ଚଉତିଶା ରୀତିରେ କୋଇଲିକୁ ସମ୍ବୋଧନ କରି ରଚିତ ଏହି ଗୀତିକାଟିର ଗାୟିକା ଯଶୋଦା ଆଜି ଏକ ନୁହେଁ, କୋଟି କୋଟି। ବାତ୍ସଲ୍ୟରସ ଏହି କବିତାର ମୁଖ୍ୟ ଆବେଦନ ହେଲେ ମଧ୍ୟ କରୁଣତା ଓ ଭକ୍ତି ଏହାର ମାର୍ମିକ ଆଭିମୁଖ୍ୟ। ବାସ୍ତବରେ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଏକ ଲଳିତ ପଦ ବିନ୍ୟାସର ସାବଲୀଳ ରଚନା।ମାଧବୀ ଦାସୀ ହେଉଛନ୍ତି ଭକ୍ତି ମାର୍ଗର ଜଣେ ପରମ ଉପାସିକା ଯିଏ ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସିବା ପରେ ମହାପ୍ରଭୁଙ୍କ କୃପାପ୍ରାପ୍ତ ହୋଇଥିଲେ। ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ଶାସନର ବେଣ୍ଟପୁର ଗ୍ରାମରେ ତାଙ୍କର ଜନ୍ମ। 'ଚୈତନ୍ୟ ଚରିତାମୃତ'ରେ ଉଲ୍ଲେଖ ଅଛି – 'ପ୍ରଭୁ ଲେଖା କରେ ଯାରେ ରାଧିକା ରମଣ, ଜଗତେର ମଧ୍ୟେ ପାତ୍ର ସାଢ଼େ ତିନିଜଣ। ସ୍ୱରୂପ ଗୋସାଇଁ ଆର ରାୟ ରାମାନନ୍ଦ ଶିଖି ମହାନ୍ତି ତିନି ତାର ଭାଗିନୀ ଅର୍ଦ୍ଧେକ।' ବୈଷ୍ଣବକବି ଦାଶରଥି ଦାସ ହେଉଛନ୍ତି ଖ୍ରୀ: ୧୫୧୦ସମୟର। ତାଙ୍କ ଶ୍ରେଷ୍ଠ ରଚନା ହେଉଛି 'ବ୍ରଜବିହାର'। ସେ ଶ୍ରୀଚୈତନ୍ୟ କର୍ତ୍ତୃକ ପ୍ରଚାରିତ ପ୍ରେମଭକ୍ତି ମାର୍ଗୀ ବୈଷ୍ଣବ ଧର୍ମ ଧାରଣାକୁ ଓଡ଼ିଶା ମାଟିରେ ପ୍ରଚାର ପ୍ରସାର କରିଥିଲେ। ସନ୍ଥକବି ମହାଦେବ ଦାସ ସମ୍ପର୍କରେ ତାଙ୍କ ପୁରାଣରେ ଖୋଦ ସେ ନିଜେ ଲେଖିଛନ୍ତି 'ଯେଉଁ ଦିନୁ ସୃଷ୍ଟି ଭିଆଇଲେ ଦୟାନିଧି, ଆପଣାର ଅଙ୍ଗରୁ ସେ ସୃଜି ଚାରି ଜାତି, ଶ୍ରୀମୁଖରୁ ବ୍ରାହ୍ମଣ ଯେ ଶ୍ରୀଭୁଜରୁ କ୍ଷତ୍ରୀ। ସୃଜିଲେ ସେ ନାଭି କମଳରୁ ବୈଶ୍ୟ ଜାତି, ଶ୍ରୀପାଦ ପଦ୍ମରୁ ଶୂଦ୍ର ସୃଜିଲେ ଶ୍ରୀପତି। ପାଦପଦ୍ମ ଯହୁଁ ଶୂଦ୍ର ହୋଇଲାକ ଜାତ, ପାଦପଦ୍ମ ମହିମା ସେ ଜାଣିଲେ କିଞ୍ଚିତ। ସେ ଶୂଦ୍ର କୁଳେ ଲକ୍ଷଣ ଦାସ ଉତପତ୍ତି, ମହାଦେବ ଦାସ ମୁଁ ଯେ ତାହାଙ୍କ ସନ୍ତତି।' ମହାପ୍ରଭୁଙ୍କ ଲୀଳା ରଚନାରେ ଓଡ଼ିଶାରେ ଅନେକ କାଳଜୟୀ ଭକ୍ତକବିଙ୍କ ରଚନା ଭକ୍ତିବାଦ, ଭକ୍ତ ପରମ୍ପରାର ଏକ ବରିଷ୍ଠ ଧାରା। ପୁରୁଷୋତ୍ତମ କ୍ଷେତ୍ର, ଦାରୁ ଦେବତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ବିଭିନ୍ନ ସୃଷ୍ଟି ସମ୍ଭାରରେ ଉଲ୍ଲେଖିତ ହୋଇଛି। ଓଡ଼ିଶାରେ ଅନେକ ଭକ୍ତକବି ଭକ୍ତିବାଦର ପ୍ରସାର ସହିତ ଯେଉଁ ଅନବଦ୍ୟ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଓଡ଼ିଶାର ସାହିତ୍ୟର ଓ ଭାଷାକୁ ଯେ କିପରି ବଳିଷ୍ଠ ତଥା ଉନ୍ନତ କରିଛି ତାହା ଯେକେହି ଅନୁମାନ କରିପାରିବ। ଓଡ଼ିଶାର ଭକ୍ତକବିମାନେ ଭଜନ, ଜଣାଣ, ଚଉତିସା ଆଧାରରେ ସବୁ ଉଲ୍ଲେଖ କରିଛନ୍ତି। ବିଶେଷକରି ଷୋଡ଼ଶ ଶତାବ୍ଦୀ ସମୟରେ ଶ୍ରୀଜଗନ୍ନାଥ ଭକ୍ତି ଚେତନାକୁ ଅନେକ ସୃଷ୍ଟି କରିଥିବା ପ୍ରମୁଖ କବିମାନେ ହେଉଛନ୍ତି 'ସାଲବେଗ', 'କବିସୂର୍ଯ୍ୟ ବଳଦେବ', 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'କବି ବନମାଳୀ', 'କବି ଦୀନକୃଷ୍ଣ', 'କବି ଅଭିମନ୍ୟୁ', 'କବି ଗୋପାଳକୃଷ୍ଣ' ପ୍ରମୁଖ। ମହାପ୍ରଭୁଙ୍କ ଲୀଳା ରଚନାରେ ଏହି କବିମାନଙ୍କ କାଳଜୟୀ ସୃଷ୍ଟି ଅନନ୍ତ କାଳ ପର୍ଯ୍ୟନ୍ତ ଭକ୍ତି ରସର ପ୍ଲାବନରେ ସମସ୍ତଙ୍କୁ ପ୍ଲାବିତ କରିବ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**
**alekha007samal@gmail.com**

# ଆପଣାର ଭାବ, ଜୀବନ ଧର୍ମ

**ହେମନ୍ତ କୁମାର ପରିଡ଼ା**

ଅବତାର ପୁରୁଷ କୌଣସି କର୍ମ ବନ୍ଧନ ଦ୍ୱାରା ଆବଦ୍ଧ ନୁହନ୍ତି। ଯୋଗୀ ଏବଂ ସାଧକଙ୍କ ଅଭିଳାଷ ପୂରଣ କରିବାପାଇଁ ନିରାକାର ଭଗବାନ ସାକାର ହୋଇ ମନୁଷ୍ୟ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି। ତାଙ୍କର ଜୀବନ ପ୍ରେମପୂର୍ଣ୍ଣ ଏବଂ ସେ ସମସ୍ତ ଦିବ୍ୟଗୁଣରେ ଦିବ୍ୟାୟିତ ହୋଇଥାନ୍ତି। ଯେଉଁ ସାଧକମାନେ ସାରା ଜୀବନ ଧର୍ମ ପଥରେ ଦୃଢ଼ ରହି ଅସତ କାର୍ଯ୍ୟରୁ ଦୂରରେ ଥାନ୍ତି, ସେମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରିବାକୁ ଅବତାର ପୁରୁଷମାନେ ଜନ୍ମ ନିଅନ୍ତି। ଆମ୍ଭ ମାନଙ୍କର ଜାଣିବା ଭିତରେ ଯେତେ ଧର୍ମ ଓ ବିଭିନ୍ନ ବିଶ୍ୱାସ ମାର୍ଗ ଅଛି ସେ ସମସ୍ତ ପରସ୍ପରର ଆପଣାର ଭାବି ସେମାନଙ୍କୁ ସ୍ୱାଗତ କରିବା ଓ ବିଶ୍ୱାସ ରଖିବା ହିଁ ଜୀବନ ଧର୍ମ। ଯେତେ ଧର୍ମ, ପଥ ବା ତତ୍ତ୍ୱ ରହିଛି ସେଗୁଡ଼ିକ ଆମ ମାନଙ୍କୁ ପବିତ୍ର ମାର୍ଗ ଦେଖାଇବାକୁ ଉଦ୍ଦିଷ୍ଟ। ସତକର୍ମ ଦ୍ୱାରା ମନକୁ ନିର୍ମଳ ରଖି ସେହି ଏକମାତ୍ର ଆଲୋକ ପାଇଁ ବ୍ୟାକୁଳିତ ହେବା। ବେଦାନ୍ତ ଅନ୍ତର୍ଗତ ସନାତନ ଧର୍ମ ସବୁ ଧର୍ମାବଲମ୍ବୀ ମାନଙ୍କ ପରିପୋଷକ। ସେହି ଧର୍ମ ଭଗବାନଙ୍କ ନିକଟରେ ପହଞ୍ଚିବାର ସବୁ ରାସ୍ତା ଗୁଡ଼ିକ ବିଷୟ ଜାଣେ। କେଉଁ ଲୋକପାଇଁ ତାହାର ଯୋଗ୍ୟତା ଏବଂ କ୍ଷମତା ଅନୁସାରେ କେଉଁ ରାସ୍ତାଟି ଉପଯୋଗୀ ତାହା ନିଶ୍ଚିତ ହୋଇଛି। ଯଦି ବିଭିନ୍ନ ମତାବଲମ୍ବୀମାନଙ୍କ ମଧ୍ୟରେ କିଛି ମନାନ୍ତର ଥାଏ, ତାହା ସେମାନଙ୍କ ପାରିବାରିକ ଅବୁଝାବଣା। ପୈତୃକ ସମ୍ପତ୍ତି ଏକ ଏବଂ ଆମେ ସମସ୍ତେ ତହିଁର ଭାଗୀଦାର ହୋଇଥାଉ। ଏହିଠି ହିଁ ଆମେ ସଂସାରର ମାୟାଚକ୍ରରେ ପଡ଼ି ଯାଇ ଏକ ପ୍ରକାର ଉବୁଟୁବୁ ହେଉଥାଉ। ରାମ ଓ କୃଷ୍ଣ ଅବତାରରେ ଭଗବାନ ଧର୍ମ ପଥରେ କଣ୍ଟକ ସ୍ୱରୂପ ଦୁଷ୍ଟ ପ୍ରକୃତିର ଏକ ବା ଏକାଧିକ ଲୋକଙ୍କୁ ନିପାତ କରି ଧର୍ମ ସଂସ୍ଥାପନ କରିଥିଲେ। ଏ ଯୁଗରେ ପୁରା ସାଧୁ ପ୍ରକୃତିର ଲୋକ କେହି ନଥିବାରୁ ଭଗବାନ କାହାର ସଂରକ୍ଷଣ କରିବେ ? ପ୍ରତ୍ୟେକଙ୍କ ଠାରେ କିଛି ନା କିଛି ଦୁଷ୍ପ୍ରବୃତ୍ତି ଥିବାରୁ ଅବତାରୀ ନିଧନ କରିବାକୁ ବସିଲେ କିଏ ବର୍ତ୍ତି ପାରିବ ? ତେଣୁ ସତ୍ୟସାଇ ବାବା କହନ୍ତି 'ସେ ବୁଦ୍ଧିର ସଂଶୋଧନ କରିବାକୁ ଜନ୍ମ ନେଇଛନ୍ତି। ସେ ବନ୍ଧୁ ଭଳି ଉପଦେଶ, ଭର୍ତ୍ସନା, ସାହାଯ୍ୟ, ଆଦେଶ ମାଧ୍ୟମରେ ପାଖରେ ଠିଆ ହୋଇ ବାଟ ଦେଖାଉଛନ୍ତି, ଯାହା ମାନବ ମଧ୍ୟରୁ ମନ୍ଦଗୁଣ ଗୁଡ଼ିକ ବହିଷ୍କାର କରିବାରେ ସାହାଯ୍ୟ କରିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସାହାଯ୍ୟ କରିବ। ସଦାଚାରପୂର୍ଣ୍ଣ ଜୀବନ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତିକୁ ଆଗେଇ ନେବା ସହ ସବୁବେଳେ ନିଷ୍କପଟ ଭାବେ ଭଗବାନଙ୍କ ଠାରେ ସମର୍ପଣ ଭିତ୍ତିକ ପ୍ରାର୍ଥନା ହିଁ କରିଚାଲୁଥିବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର – ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା – କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ଭଗବାନଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା – ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସ୍ରଷ୍ଟା'। ତାଙ୍କରି ଭାଷାରେ – 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ କଟକ, ଦୂରଭାଷ : ୮୭୬୩୧୦୭୧୨୬**

## ଦୁର୍ଘଟଣାରେ ମାଁ ଝିଅ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରଙ୍କୁ ଭେଟିଲେ ନରସିଂହ

### ସାହାଯ୍ୟ ପାଇଁ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ କଲେ ଅନୁରୋଧ



**ବଲାଙ୍ଗିର,୧୩।୬ :** ଗାନ୍ଧୀନଗରପଡା ମୁଖ୍ୟ ରାସ୍ତାରେ ଗତକାଲି ଘଟିଯାଇଥିବା ହୃଦୟ ବିଦାରକ ଦୁର୍ଘଟଣାରେ ମାଁ ଝିଅ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ମୁତାବକ ପୌର ପରିଷଦ ତରଫରୁ ପୋଖରୀ ପୁନରୁଦ୍ଧାର ପାଇଁ ମାଟି ଉଠା କାମ ଯୋଗୁଁ ସହର ଅନେକ ରାସ୍ତାରେ କାଦୁଅ ମାଟିପଡି ରାସ୍ତା ପିଚିପିଚି ହୋଇଯାଇଥିବାରୁ ସ୍କୁଟିରେ ଯାଉଥିବା ମାଁ ଝିଅ ଏକ ଟ୍ରକ ସହ ବାଡେଇ ହୋଇ ଏହି ଦୁର୍ଘଟଣା ଘଟିଯାଇଛି । ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୃତକଙ୍କ ଡୁଙ୍ଗୁରିପଡା ସ୍ଥିତ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ତା ସହ ପରିବାର ବର୍ଗ ସହ ଆଲୋଚନା କରି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁନିତା ନାଗ ଓ ତାଙ୍କ ଝିଅ ସୁଷମା ନାଗ ଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ରାଶି ପାଇଁ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ତା ସହ ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର ଏହା ମଧ୍ୟ କହିଛନ୍ତି ଯେ ଏପରି ଦୁର୍ଘଟଣାରୁ ଅନେକ କିଛି ଶିକ୍ଷା ଗ୍ରହଣ କରିବାର ଅଛି । ପୌର ପରିଷଦର ବେପରୁଆ ମନୋଭାବ ଯୋଗୁଁ ଆଜି ଦୁଇ ଦୁଇଟି ବହୁ ମୁଲ୍ୟ ଜିବନ ଚାଲି ଯାଇଛି । ତେଣୁ ଏ ଘଟଣାରେ ପୌର ପରିଷଦ ମୁଖ୍ୟତଃ ଦାୟୀ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏଥିରେ ବଲାଙ୍ଗିର ର ସମସ୍ତ ଜନସାଧାରଣ ମୃତକଙ୍କ ପରିବାର ସହ ଅଛନ୍ତି ବୋଲି ଶ୍ରୀ ମିଶ୍ର କହିବା ସହ ମୃତକଙ୍କ ସ୍ୱାମୀ ଓ ପୁଅ ଯେମିତି ସରକାର ଏବଂ ବୀମା କଂପାନୀ ଠାରୁ ଉଚିତ ଓ ପର୍ଯ୍ୟାପ୍ତ ପରିମାଣରେ ସହାୟତା ରାଶି ପାଇପାରିବେ ସେ ଦିଗରେ ସେ ଉଦ୍ୟମ କରିବେ ବୋଲି କହିଥିଲେ । ଆଜି ଶ୍ରୀ ମିଶ୍ରଙ୍କ ସହ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଆରତିପ୍ରୀତି ନାଗ, ଦିପକ ନାଗ, ଉପେନ ଦିପ, ଜୁଲୁ ପଟ୍ଟନାୟକ, ବଜରଂଗ ବନଛୋର,ବିଦୁ କୁମ୍ଭାର, ଜ୍ୟୋତି ରଂଜନ ନାଗ, ଙ୍କ ସମେତ ଅନେକପଡାବାସୀ ଉପସ୍ଥିତ ଥିଲେ ।

# ରୋଗିଣା ମା,ପୁଅକୁ ଫେରିପାଇ ଆସ୍ୱସ୍ତି ଅନୁଭବ

### ପୋଲିସ୍ ପ୍ରଶାସନକୁ ବୋଧାଇ ଜଣାଇଲେ ପରିବାର

**ରାଜନଗର,୧୩।୬ :** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଡେରା ପଞ୍ଚାୟତ ଗୋଖଣି ଗ୍ରାମର ହେମନ୍ତ ପରିଡାଙ୍କ ଝିଅ ଅଶ୍ୱିନୀ ପରିଡା ୬ବର୍ଷ ପର୍ବେ କୋଇଲିପୁରୁ ପଞ୍ଚାୟତ ବିଲକାଳୁପଡା ନିବାସି ବସନ୍ତ ପରିଡାଙ୍କ ପୁଅ ଅଭିରାମ ପରିଡାଙ୍କୁ ବୈଦିକ ମତେ ବିବାହ କରି ସୁଖ ଶାନ୍ତିରେ ରହିଥିଲେ । ବିବାହର କିଛି ଦିନ ପରେ ଉଭୟେ ସ୍ୱାମି ସ୍ତ୍ରୀ ସ୍ୱାମିଙ୍କ ଚାକିରୀ ସ୍ଥାନ ଦିଲ୍ଲିକୁ ଚାଲିଯାଇଥିଲେ ।ଏହା ଭିତରେ ଅଶ୍ୱିନୀ ଗର୍ଭ୍ୱତୀ ହୋଇଥିଲେ ମଧ୍ୟ ସ୍ୱାମି ଅଭିରାମ ତାଙ୍କୁ ନିର୍ଯ୍ୟାତନା ଦେବା ସହ ମାଡ ମାରୁଥିଲା। ଏପରିକି ମାଡ ମାରି ଛାତରୁ ଠେଲି ଦେଇଥିଲା ସ୍ତ୍ରୀ ଅଶ୍ୱିନୀଙ୍କର ଅଣ୍ଟା ଭାଙ୍ଗିଯିବାରୁ ସେ ଶଯ୍ୟାଶାଇ ହୋଇ ବାପଘର ଲୋକଙ୍କ ଦ୍ୱାରା ଚିକିତ୍ସା ହେଉଥିଲେ । ଏହି ସମୟରେ ଶିଶୁ ପୁତ୍ର ଜନ୍ମ ନେଇଥିଲା ।ପ୍ରାୟ ଦୁଇମାସ ତଳେ ସ୍ୱାମି ସ୍ତ୍ରୀଙ୍କ ମଧ୍ୟରେ ଉପୁଜୁଥିବା । ଗଣ୍ଡଗୋଳର ସମାଧାନ ପାଇଁ ଭଦ୍ରଲୋକ ବସିଥିଲେ ମଧ୍ୟ ଆଲୋଚନା ପରେ ସମାଧାନର ବାଟ ଫିଟି ପାରିଲା ନାହିଁ। ଦ୍ୱେ ଅଭିରାମଙ୍କ ବଡ ଭାଇ ଶିଶୁ ପୁତ୍ରକୁ ନେଇ ଚାଲିଯାଇଥିଲେ । ହେଲେ ଅଶ୍ୱିନୀଙ୍କ ମା ଝିଅର ଶିଶୁ ପୁତ୍ରକୁ ଫେରାଇ ଆଣିବାକୁ ରାଜନଗର ଥାନାରେ ଜଣାଇଥିଲେ । ଆଇଆଇସି ଶ୍ରୀ ନରେଶ କୁମାର ସାହୁ ଘଟଣାର ଗୁରୁତ୍ୱକୁ ନେଇ ଶିଶୁ ପୁତ୍ରକୁ ଫେରାଇ ଆଣିବାକୁ ପ୍ରତିଶୃତି ଦେଇ ସେମାନଙ୍କ ସହିତ ଯୋଗାଯୋଗ ରଖିବାକୁ କହିଥିଲେ । ଏନେଇ ଉପଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା ।ଏସଡିଏମ ତଥା ଉପଜିଲ୍ଲାପାଳ ପୋଲିସକୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ଆଇଆଇସି ଶ୍ରୀ ସାହୁ ଉପ ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେବା ପରେ ଉପଜିଲ୍ଲାପାଳ ଶିଶୁର ବାପା, ବଡ ବାପା ଓ ବଡ ମାଙ୍କ ନାମରେ ଅପହରଣ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଇଆଇସି ବୁଧବାର ଦିନ ଶିଶୁ ପୁତ୍ର କୁ ଉଦ୍ଧାର କରି ଉପ ଜିଲ୍ଲା ପାଳଙ୍କ ଅଫିସରେ ହାଜର କରାଇଥିଲେ । ଶିଶୁ ପୁତ୍ରଟି ସାବାଳକ ହେବା ପର୍ଯ୍ୟନ୍ତ ମା ପାଖରେ ରହିବ । ସାବାଳକ ପରେ ପିଲାଟି ନିଜେ ନିଷ୍ପତି ନେଇ କାହା ପାଖରେରେ ରହି ପାରିବ । ଏବେ ଶିଶୁ ପୁତ୍ରକୁ ଏତେଦିନ ପରେ ପାଇ ମାର ଆନନ୍ଦ କହିଲେ ନ ସରେ । ପୋଲିସ ଓ ପ୍ରଶାସନକୁ ଭୂୟସୀ ପ୍ରସଂସା କରିଛନ୍ତି ରୋଗିଣା ମା ଏବଂ ପରିବାର ଲୋକେ ।


# ସମ୍ମାନିତ ହେଲେ ସରକାରୀ ଓକିଲ ଓ ପୋଲିସ ବିଭାଗୀୟ ଅଧିକାରୀ

**ନବରଙ୍ଗପୁର,୧୩।୬ :** ନବରଙ୍ଗପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ କଶ୍ୟପ ପାର୍ଥ ଜଗଦୀଶ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା ନିଜ ବକ୍ତବ୍ୟ ରେ ପୋଲିସ ଓ ସରକାରୀ ଅଭିଯୋଜକଙ୍କ ମଧ୍ୟରେ କିଭଳି ଭାବରେ ସମନ୍ୱୟ ରହିବା ସହ ନୂତନ ଆଇନରେ ଦୋଷୀକୁ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିବା ସହ କେସର ସମସ୍ତ ଘଟଣା ସମ୍ବନ୍ଧୀୟ କାଗଜପତ୍ର କୁ କୋର୍ଟରେ ନିର୍ଭୁଲ ଭାବରେ ଉପସ୍ଥାପିତ କରିବା ପାଇଁ ଆଲୋକପାତ କରିଥିଲେ । ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା, ସୁନନ୍ଦା ପ୍ରଧାନ, ମୃତ୍ୟୁଞ୍ଜୟ ମହାରଣା, ଅଶୋକ କୁମାର ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସିମାଞ୍ଚଳ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ ଓ ଗୋପୀନାଥ ମଲ୍ଲିକ ପ୍ରମୁଖ ସରକାରୀ ଓକିଲ ଙ୍କୁ ସମ୍ମାନିତ କରିବା ସହ କେସର ତଦନ୍ତ କରିଥିବା ପୋଲିସ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏଥିରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ କ୍ଷଞ୍ଚଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଧନ୍ୟବାଦ ଦେବା ସହ ବୈଠକ ସମାପ୍ତ ହୋଇଥିଲା ।

## ସରପଞ୍ଚଙ୍କ ଗୁଣ୍ଡାରାଜ


# ପ୍ରୀତମ ଦାସଙ୍କ ନାମରେ ମାମଲା

### ସରକାରୀ କର୍ମଚାରୀଙ୍କୁ ମାଡ଼ ଓ ଜୀବନରୁ ମାରିଦେବା ଧମକ
### ପୂର୍ବରୁ ମଧ ରହିଛି ଦୁଇଟି ବିଚାରାଧୀନ କେସ୍



**ଧାମନଗର,୧୩।୬ :** ଧାମନଗର ବ୍ଲକରେ ଜନପ୍ରତିନିଧିଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି । ରାଧାବଲ୍ଲଭପୁର ପଞ୍ଚାୟତର ସରପଞ୍ଚ ପ୍ରୀତମ ଦାସ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ପିଟ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି । ସୁଚନା ଥାଉକି ଗତ ୮ ଜୁନ୍ (୨୦୨୬) ସକାଳ ପ୍ରାୟ ୯:୧୦ ସମୟରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପଣ୍ଡୁ ବଜାର ୪ ନମ୍ବର କେନାଲ ନିକଟସ୍ଥ ମାଙ୍କିଡ଼ିଆ ଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ । ଏହି ସମୟରେ ସସରକାରୀ ଦଳର ସରପଞ୍ଚ ପ୍ରୀତମ ଦାସ ସେଠାରେ ପହଞ୍ଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ । ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଞ୍ଚ ଉଗ୍ରରୂପ ଧାରଣ କରି ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ଆକ୍ରମଣ ଓ ମାଡ଼ପିଟ କରିଥିଲେ । ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ ।ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସରପଞ୍ଚଙ୍କ ବିରୋଧରେ କେସ ନମ୍ବର ୨୫୪ (ତା ୦୮/୦୬/୨୦୨୬) ରୁଜୁ କରି ହୋଇଥିବା ବେଳେ ଅପର ପକ୍ଷେ ପ୍ରୀତମ ଦାସଙ୍କ ଅଭିଯୋଗ କ୍ରମେ ଥାନା କେଶ ନମ୍ବର୍ ୨୫୫/୨୬ରେ ମଧ ମାମଲା ରୁଜୁ କରି ପୋଲିସ ଉଭୟ ପକ୍ଷ ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ ସରପଞ୍ଚ ପ୍ରୀତମ ଦାସଙ୍କ ଏଭଳି ଆଇନ ହାତକୁ ନେବା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ମଧ ତାଙ୍କ ନାମରେ ଧାମନଗର ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି । ଯାହା ବର୍ତ୍ତମାନ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଅଛି । ସେଗୁଡ଼ିକ ମଧ୍ୟରେ ୨୦୨୪ ମସିହାର ବେଆଇନ ଅଟକ ଓ ଅପରାଧିକ ଧମକ ମାମଲା (FIR No- 404/2024) ଚୂଡ଼ାନ୍ତ ଫର୍ମ ପର୍ଯ୍ୟାୟରେ ଥିବା ବେଳେ, ୨୦୨୫ ମସିହାର ଅଶ୍ଳୀଳ ଗାଳିଗୁଲଜ ଓ ଜୀବନରୁ ମାରିବା ଧମକ ଭଳି ଆଉ ଏକ ଗୁରୁତର ମାମଲା (FIR No- 127/2025) ବର୍ତ୍ତମାନ କୋର୍ଟ ହାଜିରା (Appearance) ପର୍ଯ୍ୟାୟରେ ରହିଛି । ଏହି ଦୁଇଟିଯାକ ମାମଲାର ଶୁଣାଣି ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହୋଇ ବାରମ୍ବାର ଆଇନକୁ ଫୁ କରିବା ଏବଂ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ନିନ୍ଦା କରିଛନ୍ତି । ଏହି ନୂତନ ମାମଲା ପରେ ପୋଲିସ ସରପଞ୍ଚଙ୍କ ବିରୋଧରେ କିଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ତେବେ ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି ।

# ରାଜନଗର ଗଳି ଦାଣ୍ଡର ଏକାଦଶତମ ରଜ ମହୋତ୍ସବ ପାଇଁ ସଜବାଜ




**ରାଜନଗର,୧୩।୬ :** କେନ୍ଦ୍ରାପଡା ଜିଲ୍ଲା ରାଜନଗର ସଦର ମହକୁମା ଗଳିଦାଣ୍ଡ ଠାରେ ଚଳିତ ବର୍ଷ ଏକାଦଶ ତମ ରଜ ମହୋତ୍ସବ ୨୦୨୬ ଯାକଜମକରେ ଅନୁଷ୍ଠିତ ହେବିକୁ ଯାଉଛି । ଶ୍ରୀ ଶ୍ରୀ ବୁଢୀମଙ୍ଗଳା ଯୁବକ ସଂଘ ଆନୁକୁଲ୍ୟରେ ଗଳିଦାଣ୍ଡର ଆରାଧ୍ୟା ଦେ୍ୱୀ। ମା ବୁଢିମଙ୍ଗଳାଙ୍କ ଦିବ୍ୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ, ଜୁନ ୧୪, ୧୫, ୧୬ତାରିଖ ତିନିଦିନୀଆ। ଉତ୍ସବରେ ବିଶିଷ୍ଟ ବରିଷ୍ଠ ଡାକ୍ତର ସମେତ କେତେକ ଉଚ୍ଚ ପଦ୍ୱୀ ଲୋକ ପ୍ରତିନିଧି ଏବଂ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦ୍ୱୋର ସମ୍ଭାବନା ଅଛି । ଏହି କାର୍ଯ୍ୟକ୍ରମର ଦିନ୍ଦ୍ୱେଳା ଓଡିଆ ସଂସ୍କୃତିକୁ ବଜାଇ ରଖିବାକୁ ପୁଚି, ଲୁଡୁ, ଝୋଟି, ତାସ୍, କ୍ୟାରମ, ସ୍କିପିଂ ଆଦି ଖେଳ ପ୍ରତିଯୋଗିତା କରାଯିବ, ପ୍ରତ୍ୟେକ ସନ୍ଧ୍ୟାରେ ଭୁବନେଶ୍ୱରର ଉତ୍ତମ ଯାଦୁଗର ମେଜିକ୍ ଶୋ, କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗିତ ପରିବେଷଣ ତଥା ସାଂସ୍କୃତିକ କାର୍ଯ୍ୟ କ୍ରମ ମାନ ପ୍ରଦର୍ଶନ କରାଯିବ । ଉଦ୍ୟାପନୀ ସଭାରେ ପୁରସ୍କାର ବିତରଣର କାର୍ଯ୍ୟକ୍ରମ ଅଛି ବୋଲି ଯୁବକ ସଂଘ ପକ୍ଷରୁ ସୁଚନା ମିଳିଛି । ଏହି ଆକର୍ଷଣୀୟ କାର୍ଯ୍ୟକ୍ରମରେ ଜନ ଗହିଳି ପାଇଁ ସୁ ପ୍ରକାର ବ୍ୟବସ୍ଥାର । ଆୟୋଜନ କରାଯିବ ।

# ମନମୋହନ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିପ୍ଳବାତ୍ମକ ସଂଗୀତ



**କଟକ,୧୩।୬ :** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିପ୍ଳବାତ୍ମକ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଥୋରିଆ ସାହି ସ୍ଥିତ ଖଦୀଭଣ୍ଡାରପରିସରରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ରବୀନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସିଜିମାଳି ଆନ୍ଦୋଳନର ଯୁବ ନେତା ଲକ୍ଷ୍ମଣ ନାୟକ ବିପ୍ଳବାତ୍ମକ ସଂଗୀତ ପରିବେଷଣ କରିଥିଲେ । 'ଗାଁ ଛାଡ଼ିବୁ ନାହିଁ', 'ସଂଗ୍ରାମୀଆମେସଂଗ୍ରାମୀଆମେ', "ଆମେ ଖଟିଖିଆ ଦୁନିଆରେ ଯେବେ ଆମ ଅଧିକାର ମାଗିବୁ', 'ମୁକ୍ତି ଗାନା ଗାଇ ଯିବାରେ', 'ହମ ଦିଓ୍ୱାନେ ଜିତ କେ', 'ଯୁଗପୁରୁଷ ସାଥୀ ତୁମକୁ ସଲାମ', 'ଆମେ ଆଦିବାସୀ, ଦଳିତ, ଚାଷୀ' ଆଦି ବିଭିନ୍ନ ବିପ୍ଳବାତ୍ମକ ସଂଗୀତ ଗାନ କରି ସେ ମନମୋହନ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାନ୍ଧୀବାଦୀ ଯୁବନେତା ତଥା ମନମୋହନ ଚୌଧୁରୀ ସ୍ମାରକୀଟ୍ରଷ୍ଟର ସମ୍ପାଦକ ଡାକ୍ତର ବିଶ୍ୱଜିତ ଏହି ଅବସରରେ ସ୍ୱର୍ଗତ ଚୌଧୁରୀ ଆଜୀବନ ବିପ୍ଳବୀ ଥିଲେ ଓ ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ଭୂଦାନ ଗ୍ରାମଦାନ ଆନ୍ଦୋଳନ ପୁଣି ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ତଥା ଜଗତୀକରଣ ବିରୋଧୀ ଆନ୍ଦୋଳନ ପର୍ଯ୍ୟନ୍ତ ସମସ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବୋଲି କହିଥିଲେ । ରବୀନ୍ଦ୍ରମହାନ୍ତି କହିଥିଲେ ଯେ, ଦିନଟିଏ ବିଦ୍ୟାଳୟ ଯାଇନଥିବା ମନମୋହନ ଷୋହଳଟି ଦେଶୀ ବିଦେଶୀ ଭାଷାରେ ପାରଙ୍ଗମ ଥିଲେ । ନିଜେ ଚମଡ଼ାରୁ ଜୋତାତିଆରି ଠାରୁ ଆରମ୍ଭ କରିଘରଛାଉଣୀ ପୁଣି ପଦାର୍ଥ ବିଜ୍ଞାନ ଠାରୁ ଆରମ୍ଭ କରି ଓଡ଼ିଶାର ସର୍ବବୃହତ ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ ପର୍ଯ୍ୟନ୍ତ ଅନେକ କାର୍ଯ୍ୟ ତାଙ୍କ ଜୀବନରେ କରିଥିଲେ । ଭାରତ ବିଖ୍ୟାତ ଚୌଧୁରୀ ପରିବାରର ସେ ସୁବିଖ୍ୟାତ ଦାୟାଦ ଥିଲେ । ଅନ୍ୟମାନଙ୍କ ମଧରେ ରାକେଶ ରଞ୍ଜନ ସେଠୀ, ଅନିମା କୁମାରୀ ରାୟ, ସାଗର ଦାସ, ଜୁବୁଲି ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଖଦି ଭଣ୍ଡାରର ପରିଚାଳକ ପ୍ରଣୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଗୁଡା ଏନଏସିରେ କାଉନସିଲ ବୈଠକ

### ସ୍ୱଚ୍ଛତା ପରିମଳ ଓ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା



**ବାଲିଗୁଡା,୧୩।୬ :** ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହ ଠାରେ ପନ୍ଦର ତମ ସ୍ୱତନ୍ତ୍ର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି । ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି ।ଏହି ବୈଠକ ରେ ଅଧକ୍ଷ ସମେତ ଉପାଧକ୍ଷା ଶାନ୍ତି କୁମାରୀ ନାୟକ ବିଧାୟକ ପ୍ରତିନିଧି ଅବନୀ କାନ୍ତ ନାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ ସମେତ ଦଶ ଜଣ କାଉନସିଲର ଯୋଗ ଦେଇଥିଲେ । ଏନଏସି ଅଧକ୍ଷ ଙ୍କ ଅନୁମତି କ୍ରମେ ପୂର୍ବ କାଉନସିଲ ବୈଠକ ର ବିବରଣୀ ପାଠ କରିବା ସହିତ ଦୃଢ଼ି କରଣ କରାଯାଇ ଥିଲା । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ କାଉନସିଲ ବୈଠକ ରେ ସମସ୍ତ ଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କ ରେ ଅଭିବ୍ୟକ୍ତ ରଖି ଥିଲେ । ଏହି ବୈଠକ ରେ ଦଶ ଜଣ କାଉନସିଲର ଉପସ୍ଥିତ ରହି ବାଲିଗୁଡା ଏନଏସି ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରାଯାଇଥିଲା ।ଏହି ବୈଠକ ରେ ୧୩ ଟି ଓ୍ୱାର୍ଡ ର ରାସ୍ତା ଘାଟ, ଡ୍ରେନେଜ ସମସ୍ୟା, ସହର ପରିମଳ ବ୍ୟବସ୍ଥା ସୌନ୍ଦର୍ଯ୍ୟ କରଣ, ଆଲୋକିକରଣ ସମେତ ସହର ରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ବିଷଦ ଆଲୋଚନା ହୋଇ ଥିଲା । ଏଥି ସହିତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ନେଇ ଏହି ସ୍ୱତନ୍ତ୍ର କାଉନସିଲ ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇ ଆଲୋଚନା ହୋଇଥିଲା ।ଏହି ବୈଠକ ରେ କାଉନସିଲର ସମେତ ସମସ୍ତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ ।

# ଅଗ୍ନି ବିପନ୍ନ ପରିବାରଙ୍କୁ ସାହାଯ୍ୟର ହାତ ବଢାଇଲେ ପତ୍ରପୁର ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୧୩।୬ :** ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବେଲତଳ ଗ୍ରାମର ଦିଲ୍ଲୀପ୍ ଅଧିକାରୀଙ୍କ, ଗତ ଦୁଇ ଦିନ ତଳେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟି ୩, ବଖରା ବାସଗୃହ ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଛି, ଘରେ ଯାହା ଧାନ, ଚାଉଳ ବିରି, ମୁଗ, ଟଙ୍କା ପଇସା, ସୁନା, ରୂପା ଆସବା ପତ୍ର ଥିଲା ତାହା ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଛି । ପିନ୍ଧିଥିବା ବସ୍ତ୍ର ଖଣ୍ଡେ ଛାଡିଦେଲେ ଆଉ କୌଣସି ଜିନିଷ ପତ୍ର ଉଦ୍ଧାର କରିପାରିନାହାନ୍ତି, ବର୍ତ୍ତମାନ୍ ସମ୍ପୂର୍ଣ୍ଣ ପରିବାର ବେସାହାରା ହୋଇଯାଇଛନ୍ତି । ଏଭଳି ଏକ ଦୁଃଖଦ ଖବର ଶୁଣିଲା ପରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପରିବାର ସଭାପତି, ଚନ୍ଦନ କୁମାର ମହାରଣାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କ ସାହାଯ୍ୟ ସହୋଜୋଗ ରେ, ଆଜି ଉକ୍ତ ଅଗ୍ନି ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ତାଙ୍କୁ ଟିକେ ସାନ୍ତ୍ୱନା ଦେବା ସହିତ ଦୁଇ ମାସର ରାସନ୍ ସାମଗ୍ରୀ ସହିତ ବସ୍ତ୍ର, ପାଲ, ବାଲ୍ଟି, ସପ୍, ମଘ, ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ । ଏବଂ ଉକ୍ତ ଟ୍ରଷ୍ଟ ତରଫରୁ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କୁ ନିବେଦନ କରି କହିଛନ୍ତି ଏହି ଅଗ୍ନି ବିପନ୍ନ ପରିବାରଙ୍କ ବିପଦ ସମୟରେ ତାଙ୍କୁ ଗୋଟେ ବାସ ଗୃହ ସହିତ କିଛି ଆର୍ଥିକ ସହାୟତା ଯୋଗାଇଦେବା ପାଇଁ । ଆଜିର ଏହି ଘର ପୋଡ଼ି ପୋଗ୍ରାମ୍ ରେ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପରିବାର ତରଫରୁ ସଭାପତି, ଚନ୍ଦନ କୁମାର ମହାରଣାଙ୍କ ସମେତ ଆଶିଷ କୁମାର ସାହୁ, ରଜତ ରଞ୍ଜନ ବେହୁରା, ସଞ୍ଜୟ କୁମାର ପଣ୍ଡା, ଶିଶିର କୁମାର ସେଣ, ଅମର କୁମାର ମଳିକ, ଉପସ୍ଥିତ ଥିଲେ । ଏଭଳି ଏକ ମହତ୍ତ୍ୱ ସେବା କାର୍ଯ୍ୟ ଦେଖି ସ୍ଥାନୀୟ ଗ୍ରାମବାସୀ ବୃନ୍ଦ ମାନେ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ଙ୍କୁ ଭୂରି, ଭୂରି ପ୍ରଶଂସା କରିଥିଲେ ।

## ଗାନ୍ଧୀନଗରପଡ଼ା ସଡ଼କ ଦୁର୍ଘଟଣା

# କଠୋର କାର୍ଯ୍ୟାନୁଷ୍ଠାନ ଓ ସହାୟତା ଦାବିରେ ଥାନାର ଦ୍ୱାରସ୍ଥ ହେଲା ବିଜେଡି



**ବଲାଙ୍ଗିର,୧୩।୬ :** ବଲାଙ୍ଗିର ସହରର ଗାନ୍ଧୀନଗରପଡ଼ାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମା' ଓ ଝିଅଙ୍କ ଅକାଳ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଏବଂ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବି କରି ଆଜି ବଲାଙ୍ଗିର ବିଜୁ ଜନତା ଦଳ ପକ୍ଷରୁ ନଗର ସଭାପତି ସମ୍ଭୁ ନାଗ ଏବଂ ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବଲାଙ୍ଗିର ଆଦର୍ଶ ଟାଉନ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ପ୍ରତିନିଧି ଦଳ ଦୁର୍ଘଟଣା ଘଟାଇଥିବା ଟ୍ରକର ସମସ୍ତ କାଗଜପତ୍ର, ଫିଟନେସ୍ ?, ବୀମା, ପରମିଟ ଏବଂ ଚାଳକଙ୍କ ଲାଇସେନ୍ସ ଯାଞ୍ଚ କରିବା ସହିତ ଟ୍ରକ ଚାଳକ ଏବଂ ଗାଡ଼ି ମାଲିକଙ୍କ ବିରୋଧରେ ନିରପେକ୍ଷ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ସେହିପରି ତାଲପାଳିପଡ଼ାର ମୃତକ ପରିବାରକୁ ତୁରନ୍ତ ଯଥୋଚିତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିବେଦନ କରାଯାଇଥିଲା । ଏହାସହ ବିଜେଡି ପକ୍ଷରୁ ବଲାଙ୍ଗିର ସହରରେ ଚଳାଚଳ କରୁଥିବା ସମସ୍ତ ୬ ଚକିଆ ଓ ଭାରୀ ଯାନର ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚଳାଇ ସେମାନଙ୍କର କାଗଜପତ୍ର, ଫିଟନେସ୍ ? ଓ ବୈଧତା ଯାଞ୍ଚ କରିବାକୁ ଦାବି କରାଯାଇଥିଲା । ଯାଞ୍ଚ ସମୟରେ ତ୍ରୁଟିପୂର୍ଣ୍ଣ କିମ୍ବା ଅବୈଧ କାଗଜପତ୍ର ଥିବା ଯାନଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ସହ ଭାରୀ ଯାନ ଚଳାଚଳ ପାଇଁ ଏକ ନିର୍ଦ୍ଧିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବାକୁ ମଧ୍ୟ ଦାବି ଉଠାଯାଇଥିଲା । ଏହି ଅବସରରେ ମୃତ ମା' ଓ ଝିଅଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିବା ବେଳେ ଭବିଷ୍ୟତରେ ଏଭଳି ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସତର୍କତାମୂଳକ ଓ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁନିସିପାଲିଟି ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଲଲାଟେନ୍ଦୁ ପଟ୍ଟନାୟକ, ସନ୍ତୋଷିନୀ କୁଁଅର, ଗଙ୍ଗାଧର ଚାନ୍ଦ, ନନ୍ଦିନୀ ପୋଢ଼, ପିଙ୍କି କବାଟ, କିଶୋର କୁମ୍ଭାର, ସତ୍ୟ ନାୟକ, ବିଜେଡିର ବରିଷ୍ଠ ନେତା ନରସିଂହ ବାଗ, ବିଧୁଭୂଷଣ ତ୍ରିପାଠୀ, ପ୍ରଭାସ ପାଣିଗ୍ରାହୀ, ଦିଲ୍ଲୀପ ବଗର୍ତ୍ତି, ବିଭୂତି ଭୂଷଣ ମିଶ୍ର, ଗୁଞ୍ଜା ଖାନ, ସତ୍ୟବ୍ରତ ନାଥ, ନିତେଶ ପୋଢ଼, ସୁବଳ ମହାକୁର,ଇରସାଦ ଖାନ,ମାନୁ ପଟ୍ଟନାୟକ, ପ୍ରଦୀପ ପରୁଆ, ବଣ୍ଟି ଚନ୍ଦ,ସନ୍ତୋଷ ସାହୁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ ।

# ମାଫିଆ ଫେରାର, ଜବତ ହେଲା ଜେସିବି ଓ ୩ ଟ୍ରାକ୍ଟର

## ସରକାରୀ ଜମି ଲୁଟ ଘଟଣାରେ ଚର୍ଚ୍ଚା ତୀବ୍ର

**ବାଙ୍ଗିରିପୋଷି,୧୩।୬ :** ବାଙ୍ଗିରିପୋଷି ତହସିଲ ଅଞ୍ଚଳରେ ସରକାରୀ ଜମିରୁ ବେଆଇନ ଭାବେ ମାଟି ଖନନ ହେଉଥିବା ଅଭିଯୋଗ ପାଇବା ପରେ ପ୍ରଶାସନ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ତହସିଲ ପ୍ରଶାସନ ଓ ପୁଲିସର ମିଳିତ ଅଭିଯାନରେ ଘଟଣାସ୍ଥଳରୁ ଗୋଟିଏ ଜେସିବି ମେସିନ ଓ ତିନୋଟି ଟ୍ରାକ୍ଟରକୁ ଜବତ କରାଯାଇଥିବା ବେଳେ ଖନନ କାର୍ଯ୍ୟରେ ସମ୍ପୃକ୍ତ ମାଟି ମାଫିଆମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଦୀର୍ଘଦିନ ଧରି କିଛି ଅସାଧୁ ବ୍ୟକ୍ତି ସରକାରୀ ଜମିରୁ ବେଆଇନ ଭାବେ ମାଟି ଉତ୍ତୋଳନ କରି ଲାଭବାନ ହେଉଥିଲେ। ଏହା ଫଳରେ ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ପରିବେଶ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଆସୁଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅଭିଯୋଗକୁ ଗୁରୁତ୍ୱ ଦେଇ ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ଓ ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ହଠାତ୍ ପୁଲିସ ଓ ପ୍ରଶାସନିକ ଟିମ୍‌କୁ ଦେଖି ଖନନ କାର୍ଯ୍ୟରେ ନିୟୋଜିତ ଲୋକମାନେ ଯନ୍ତ୍ରପାତି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ଅଧିକାରୀମାନେ ଗୋଟିଏ ଜେସିବି ଓ ତିନୋଟି ଟ୍ରାକ୍ଟରକୁ ଜବତ କରି ତହସିଲ କାର୍ଯ୍ୟାଳୟ ହେପାଜତକୁ ନେଇଥିଲେ। ଏହି ଘଟଣା ପରେ ଅଞ୍ଚଳରେ ସକ୍ରିୟ ଥିବା ମାଟି ମାଫିଆଙ୍କ କାର୍ଯ୍ୟକଳାପ ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ଜମିରୁ ଦିନଦହାଡ଼େ ମାଟି ଉତ୍ତୋଳନ ହେଉଥିବା ସତ୍ତ୍ୱେ ଏତେଦିନ ଧରି କିପରି ଏହା ଚାଲିଥିଲା, ତାହାକୁ ନେଇ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ସମ୍ପୃକ୍ତ ମାଫିଆଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବେଆଇନ ଖନନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ଏହି ଚଢ଼ାଉ ପରେ ବେଆଇନ ମାଟି ଖନନ କାରବାରରେ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ଛନକା ପଶିଥିବା ଦେଖାଯାଇଛି।

# ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକଙ୍କ ଉପସ୍ଥିତିକୁ ନେଇ ବିବାଦ

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

**ବାମରା,୧୩।୬ :** ବାମରା ବ୍ଲକ କେଶାଇବାହାଲ ଠାରେ ଆୟୋଜିତ ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷକଙ୍କ ଉପସ୍ଥିତିକୁ ନେଇ ବିବାଦ ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ରହିଛି। ଗତ ମେ' ମାସ ୨୬ ଓ ୨୭ ତାରିଖରେ କେଶାଇବାହାଲ ବିଜିଡି କଲେଜ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ରବି ନାରାୟଣ ନାଏକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ ଓ ଅନ୍ୟାନ୍ୟ ଦଳୀୟ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଗଡ଼ପୋଷ ପିଏମ୍-ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ପୃଷେଠ ସକ୍ରିୟ ଭାବେ ଯୋଗ ଦେଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମ ସମୟରେ ସେ ବିଜେପି ନେତାମାନଙ୍କ ସହ ଫଟୋ ଉଠାଇଥିବା ବେଳେ ସେହି ଫଟୋ ସୋସିଆଲ ମିଡିଆ ଏବଂ ଫେସବୁକରେ ଭାଇରାଲ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା।ଘଟଣାକୁ ନେଇ ବିଜେଡି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଦଳର ପୂର୍ବତନ ବ୍ଲକ ସଭାପତି ରାମଲାଲ ଓଝା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଘଟଣାର ତଦନ୍ତ ସହ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ବାମରା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଦାୟିତ୍ୱରେ ଥିବା ଗୀତା ପ୍ରଧାନ ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାସହ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ବିଇଓଙ୍କୁ ଘଟଣାର ତଦନ୍ତ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ କିଶୋର ଚନ୍ଦ୍ର ଅର୍କ ଓ ଏବିଇଓ ହୃଦାନନ୍ଦ ପ୍ରଧାନ ଗଡ଼ପୋଷ ପିଏମ୍-ଶ୍ରୀ ହାଇସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷକଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ଶିକ୍ଷକ ଶ୍ରୀ ପୃଷେଠ ନିଜ ପକ୍ଷ ରଖି କହିଥିଲେ ଯେ, ସେ ନିଜ ଶିକ୍ଷକ ସଂଘର କିଛି ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ଭେଟିବା ପାଇଁ ସେଠାକୁ ଯାଇଥିଲେ। ସେହି ସମୟରେ ଫଟୋ ସେସନ ଚାଲିଥିବା ବେଳେ ତାଙ୍କର ମଧ୍ୟ ଫଟୋ ଉଠିଯାଇଥିଲା ବୋଲି ସେ ସ୍ୱଷ୍ଟୀକରଣ ଦେଇଥିବା ସୂଚନା ମିଳିଛି।ଏବିଇଓ କିଶୋର ଚନ୍ଦ୍ର ଅର୍କ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ। ଏବେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଶିକ୍ଷା ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନର ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**କଟକ,୧୩।୬ :** ଓଡିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ' ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭ ଉଦଘାଟନ ସହ ପୋଷଣ ଅଭିଯାନ ଅଧୀନରେ ସ୍ମାର୍ଟ ଫୋନ ବଣ୍ଟନର ଶୁଭାରମ୍ଭ ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭିଡ଼ିଓ ଏବଂ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଏବଂ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡ କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ନିଆଳି, ଶ୍ରୀ ଛବି ମଲ୍ଲିକ କହିଲେ ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ



ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ । ରାସନ କାର୍ଡ ଆବଣ୍ଟନ ରେ କଟକ ଜିଲ୍ଲା ବଡ ସଫଳତା ପାଇପାରିଛି । ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ବହୁତ ଲୋକମାନଙ୍କୁ ଘର ମିଳି ପାରିଛି ଏବଂ ଆଗକୁ ମଧ୍ୟ ସରକାରଙ୍କ ଦ୍ୱାରା କଟକ ଜିଲ୍ଲାପାଇଁ ବହୁତ ଉନ୍ନତି ମୂଳକ କାର୍ଯ୍ୟ ହେବ ବୋଲି କହିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ମାନ୍ୟବର ବିଧାୟକ କଟକ ସଦର, ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ 'ମା' ମାନେ କିଭଳି ଉପକୃତ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ସେବା ପାଇଁ ଜନ ଔଷଧୀ ଯୋଜନା ଦ୍ୱାରା କିଭଳି ଭାବରେ ଜନସାଧାରଣ ଉପକୃତ ହେଉଛନ୍ତି ତାହା ଉପରେ ମଧ୍ୟ ଆଲୋକପାତ କରିଥିଲେ । ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ମହିଳାମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଉପସ୍ଥିତ ୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଏହି ଅବସରରେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରଶ୍ମିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪ ରୁ କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ ହେବ ରଜ ମହୋତ୍ସବ

**କଟକ,୧୩।୬ :** ଆସନ୍ତା ଜୁନ ୧୪ ତାରିଖ ଦିନ କଳାବିକାଶ କେନ୍ଦ୍ର ଠାରେ ସୁର ମନ୍ଦିର ଜୀବନବ୍ୟାପୀ ସାଧନା ସମ୍ମାନ ନିମନ୍ତେ ଗୁରୁ ଭାଗୀରଥୀ ମହାପାତ୍ରଙ୍କୁ ସମ୍ମାନିତ କରାଯିବ। ଏହାବ୍ୟତୀତ ସୁଚିସ୍ମିତା ମନ୍ତ୍ରୀ ଓ ମେଘନା ମିଶ୍ରଙ୍କୁ ପ୍ରିୟ ଓଡିଆଣୀ ଏବଂ ଡ: ସ୍ନେହପ୍ରଭା ସାମନ୍ତରାୟଙ୍କୁ ଉଷାରାଣୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୁର ମନ୍ଦିର ପକ୍ଷରୁ ଘୋଷଣା କରାଯାଇଛି। କଟକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ସୁର ମନ୍ଦିର" ପକ୍ଷରୁ ଓଡ଼ିଶାର ମହାନ ରଜ ପର୍ବ ଅବସରରେ ଚଳିତ ଜୁନ ୧୪, ୧୫ ଏବଂ ୧୬ରିଖ ତିନିଦିନ ଧରି କଟକ କଳାବିକାଶ କେନ୍ଦ୍ରଠାରେ ସନ୍ଧ୍ୟା ଘ୬.୩୦ମି. ସମୟରେ ମହାସମାରୋହରେ "ରଜ ମହୋତ୍ସବ" ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆମର ମହନୀୟ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଜଣାଇ ଆଜିର ଯୁବପିଢ଼ିଙ୍କ ମଧ୍ୟରେ ତାହାର ପ୍ରଚାର, ପ୍ରସାର ତଥା ବିକାଶ ଲକ୍ଷ୍ୟରେ ପାରମ୍ପରିକ ଶୈଳୀରେ ମୁଖ୍ୟତଃ ଲୋକସଂସ୍କୃତିକୁ ଅଧାର କରି ଆମେ ଆୟୋଜନ କରିଛୁ "ରଜ ମହୋତ୍ସବ" ର ବର୍ଣ୍ଣାଢ୍ୟ ନୃତ୍ୟ, ସଙ୍ଗୀତ ଓ ଅଭିନୟ ବିଚିତ୍ରା । ସେଥିସହ ୧୪ ତାରିଖ ଦିନ ପିଠା ପ୍ରତିଯୋଗିତା ପ୍ରଦର୍ଶନ ସନ୍ଧ୍ୟା ୫.୩୦ମି.ରେ ଅନୁଷ୍ଠିତ ହେଉଛି । ଏଥି ସହିତ ଚିତା, ଝୋଟି, ମୁରୁଜ,




ପୁଚିଖେଳ, ଦୋଳି ଖେଳ, ପୋଡ଼ପିଠା ଓ ଅନ୍ୟାନ୍ୟ ପିଠା ପ୍ରସ୍ତୁତି ପ୍ରତିଯୋଗିତାର ମଧ୍ୟ ଆୟୋଜନ ହେଉଛି। ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନ, ଉଷାରାଣୀ ସମ୍ମାନ ଓ ପ୍ରିୟ ଓଡ଼ିଆଣୀ ସମ୍ମାନାଦୀ ଆୟୋଜିତ ହେଉଛି। ଏହି ଉତ୍ସବରେ ତା୧୪ ଜୁନ ୨୦୨୬ ଦିନ ସୁରମନ୍ଦିର ଜୀବନବ୍ୟାପୀ ସାଧନା ସମ୍ମାନ ନିମନ୍ତେ ଗୁରୁ ଭାଗିରଥୀ ମହାପାତ୍ର ସମ୍ମାନୀତ ହେବାସହ ସୁଚିସ୍ମିତା ମନ୍ତ୍ରୀ ଓ ମେଘନା ମିଶ୍ର "ପ୍ରିୟ ଓଡ଼ିଆଣୀ" ଏବଂ ଡ. ସ୍ନେହପ୍ରଭା ସାମନ୍ତରାୟ "ଉଷାରାଣୀ ସମ୍ମାନ"ରେ ସମ୍ମାନୀତ ହେବେ । ଏହି ଉତ୍ସବକୁ ବେଙ୍ଗାଲୁରୁରୁ ନୃତ୍ୟାନ୍ତର ଗ୍ରୁପ୍, କଲିକତାରୁ ଶାଶ୍ୱତୀ ଗରାଇ ଘୋଷ, କଟକରୁ ମୀରାଦାସ ଏବଂ ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମୀ, ଭୁବନେଶ୍ୱରରୁ ସତ୍ୟପ୍ରକାଶ ଏବଂ ସଞ୍ଜନା, କଟକରୁ ଚିନ୍ମୟ ଏବଂ ସମ୍ଭାବୀ ଇତ୍ୟାଦି କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ । ସୁରମନ୍ଦିରର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିବେ । ଶ୍ରୀଯୁକ୍ତ ଆର୍ଶୀବାଦ ବେହେରା ହେଉଛନ୍ତି ଏହି ଅନୁଷ୍ଠାନର ସଭାପତି ଓ ଏହି ମହୋତ୍ସବର ମୁଖ୍ୟ ପୃଷ୍ଠପୋଷକ । ରଜ ମହୋତ୍ସବର ସଫଳ ଓ ସାର୍ଥକ ସଂଗଠନ ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସଭ୍ୟ ଚାନ୍ଦା ବ୍ୟତୀତ ସ୍ମରଣିକା ପ୍ରକାଶନ, ବିଜ୍ଞାପନ, ସ୍ପନ୍ସରସିପ୍ ଏବଂ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ଏହି ବ୍ୟୟ ଅଟକଳକୁ ଭରଣା କରାଯିବା ପାଇଁ ଉଦ୍ୟମ ଚାଲିଛି । ଆଜି ଓସିଏ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁର୍ ମନ୍ଦିରର ସାଧାରଣ ସମ୍ପାଦକ ଜ୍ୟୋସ୍ନା ସାହୁ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଧାମୋହନ ସାହୁ ଏବଂ ଚଳଚ୍ଚିତ୍ର ଜଗତର ପ୍ରଯୋଜକ ତଥା ସୁର୍ ମନ୍ଦିରର ମୁଖ୍ୟ ପରାମର୍ଶ ଦାତା ଚଣ୍ଡୀ ପରିଜା ରଜ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ନେଇ ଦାବିପତ୍ର

**ଆଠମଲ୍ଲିକ,୧୩।୬ :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁଣହାଣ୍ଡି ପଞ୍ଚାୟତ ଲୁଣହାଣ୍ଡି ଗ୍ରାମ ର ଗରୀବ ମହିଳା ଆରତୀ ଗୁରୁ ପ୍ରଧାନମନ୍ତ୍ରୀଆବାସ ଯୋଜନା ରେ ଗୃହ ପାଇବା ପାଇଁ ବିଡ଼ିଓ ଙ୍କ ଅନୁପସ୍ଥିତି ରେ ଏ ବି ଡ଼ି ଓ ପଞ୍ଚାନନ ବେହେରା ଙ୍କ ନିକଟରେ ଦାବିପତ୍ର ଦେଇଥିବା ଜଣା ପଡିଛି କ୍ଷ ଦାବିପତ୍ର ରେ ଲିଖିତ ଦାବୀ ଅନୁଯାଇ ଜିଲ୍ଲାପାଳ ଙ୍କ ଜନଶୁଣାଣି ଶିବିର ରେ ପୂର୍ବରୁ ଦାବୀ ଜଣେଇ ଥିଲେ ମଧ ଆଜି ପର୍ଯ୍ୟନ୍ତ ସୁଫଳ ପାଇ ପାରି ନାହାନ୍ତି କ୍ଷ ସୂଚନା ଥାଉ କି ଶ୍ରୀମତୀ ଗୁରୁ ଙ୍କ ବାସ ଗୃହ ବିପଦ ସଂକୁଳ ଅବସ୍ଥା ରେ ରହିଥିବା ବେଳେ ବର୍ଷା ଦିନରେ ପାଣି ଗଳୁ ଥିବାରୁ ଚଳିବା କଷ୍ଟକର ହୋଇ ପଡୁଛି କ୍ଷ ଦାବିପତ୍ର ଦେଇଥିବା ଶ୍ରୀମତୀ ଗୁରୁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ବ୍ଲକ ପ୍ରଶାସନ ଟାଳ ଟୁଳ ନୀତି ଅବଲମ୍ବନ କରି କାହିଁକି ତାଙ୍କୁ ଗୃହ ଦିଆ ଯାଉ ନାହିଁ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କ୍ଷ ପ୍ରଶାସନ ତରଫରୁ ଦାବୀ କୁ ଗୁରୁତ୍ୱ ଦେଇ ଆବାସ ଯୋଜନା ରେ ଗୃହ ଯୋଗାଇ ଦେବାକୁ ଶ୍ରୀମତୀ ଗୁରୁ ଦାବୀ କରିଛନ୍ତି ।



# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ



**ପାରଳାଖେମୁଣ୍ଡି,୧୩।୬ :** ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଇଛି । ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ । ହୋଟେଲ , ଠିକାଦାର, ଦୋକାନୀ, କାରଖାନା, ଶିଳ୍ପ, ବୋଲି ଯେ କୌଣସି ଘରଇ ମାଲିକ ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତା କରାଯିବ। ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲଘଂନ କଲେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଛି । ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ ରୁ ୧୮ ବର୍ଷ କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲଡ଼୍ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି । ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ଼ କରାଯାଇ ମଧ୍ୟ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ସହ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଶ୍ରମ କମିଶନର ବ୍ରହ୍ମପୁର ଶ୍ରୀ ବାବୁ ଚରଣ ପାତ୍ର,ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଅମିତ ନାୟକ,ଅତିରିକ୍ତ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ, ମାନସ ରଞ୍ଜନ ସାହୁ, ପ୍ରଯୁକ୍ତା ଶବର, ଜ୍ୟୋତି କିରଣ ଗୌଡ଼, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଟ୍ରକ ମାଲିକ ମହାସଂଘର କୋର କମିଟି ବୈଠକ

**କଟକ,୧୩।୬ :** ସୁଭଦ୍ରା ଟ୍ରକ ମାଲିକ ମହାସଂଘର ୧୮ ତମ କୋର କମିଟି ବୈଠକ ମହାବୀର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ।ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ କି,ସାମ୍ପ୍ରତିକ ପରିସ୍ଥିତିରେ ଅହେତୁକ ଭାବରେ ତୈଳ ଦର ବୃଦ୍ଧି ଯୋଗୁଁ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି କ୍ଷେତ୍ରରେ ଟ୍ରକ ଭଡା ବୃଦ୍ଧିର ଆବଶ୍ୟକତା ରହିଛି । ସେ କହିଥିଲେ ଟ୍ରକ ମାଲିକ ମାନଙ୍କର ମୌଳିକ ସମସ୍ୟା ଗୁଡିକୁ ସରକାର ସହାନୁଭୂତିର ସହିତ ବିଚାର କରି ଏହାର ଯଥାଶୀଘ୍ର ସମାଧାନର ବାଟ ବାହାର କରିବାପାଇଁ ସେ ଉକ୍ତ ପ୍ରସଙ୍ଗକୁ ବିଧାନସଭାରେ ଉପସ୍ଥାପନ କରିବାସହ,ପରିବହନ ବିଭାଗ ସହିତ ମଧ ଆଲୋଚନା କରିବେ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ ।ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗରନିଗମ ୱାର୍ଡ ନଂ ୪୦ ର କର୍ପୋରେଟର ଆସିୟା ବେଗମ, ବିଶିଷ୍ଟ ଯୁବସମାଜସେବୀ ଦିଲ୍ଲୀପ ଜେନା ଓ ଫିରୋଜ ଖାଁନଙ୍କ ସମେତ ମହାସଂଘର ସମସ୍ତ ପଦାଧିକାରୀ ଏବଂ ଓଡିଶାର ୩୦ ଟି ଜିଲ୍ଲା ଟ୍ରକ ମାଲିକ ସଂଘର ସମସ୍ତ ଆଗଧାଡିର କର୍ମକର୍ତ୍ତା ଯୋଗଦାନ କରିଥିଲେ । ଝାରପଡା ଗ୍ରାମର ମୁରବି ଶିଖର ଜେନାଙ୍କୁ ସର୍ବସମ୍ମତିକ୍ରମେ ମହାସଂଘର ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା।

# ବମ୍ପରଢ଼ାରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ

**ଦେବଗଡ଼,୧୩।୬ :** ଦେବଗଡ଼ର ବାରକୋଟ ବ୍ଲକ୍ ବମ୍ପରଡା ଗ୍ରାମ ପଞ୍ଚାୟତ ହଲରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ଅବସରରେ ଏକ ବ୍ଲକସ୍ତରୀୟ ସଚେତନତା ବୈଠକ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ JEETA NGO ଦ୍ୱାରା ଆୟୋଜିତ ହୋଇଥିଲା, ଯାହା Just Rights for Children ର ଏକ ଅଂଶୀଦାର, ଯାହା ଦେଶର ସର୍ବବୃହତ ଶିଶୁ ସୁରକ୍ଷା ନେଟୱାର୍କ, ଯାହା ସାରା ଭାରତରେ ଶିଶୁ ସୁରକ୍ଷା ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଥିବା ୨୫୦ ରୁ ଅଧିକ ସହଯୋଗୀ ସଂଗଠନକୁ ନେଇ ଗଠିତ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ଶିଶୁ ସୁରକ୍ଷା ଏବଂ ପୁନର୍ବାସ ପାଇଁ ସରକାରୀ ବିଭାଗ, ସ୍ଥାନୀୟ ଅନୁଷ୍ଠାନ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱିତ କାର୍ଯ୍ୟର ଆବଶ୍ୟକତା ଉପରେ ସଚେତନତା ପ୍ରସାର କରିବା ଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ପୋଲିସ, ଆଇନ ସେବା, ଶିକ୍ଷା, ମହିଳା ଏବଂ ଶିଶୁ କଲ୍ୟାଣ ପ୍ରତିଷ୍ଠାନର ପ୍ରତିନିଧି, ଗ୍ରାମ ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା ଦିଦି ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଗଛରେ ପାଣି ଦେଇ ଉଦଘାଟନ ସହିତ ଆରମ୍ଭ ହୋଇଥିଲା, ପରେ ଶ୍ରୀ ସୁମନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଔରରଞ୍ଜଇର ସଂପାଦିକା ଶ୍ରୀମତୀ ଅନୁପମା ରାଉତ ଜାତୀୟ ଶିଶୁ ଚାଲାଣ ବିରୋଧୀ ଅଭିଯାନର ଗୁରୁତ୍ୱ ଏବଂ ଶିଶୁ ସୁରକ୍ଷା ଏବଂ ସମ୍ପ୍ରଦାୟ ସଂକଳନରେ ଔରରଞ୍ଜଇର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଲୋଚନା ସମୟରେ, ଶ୍ରୀଯୁକ୍ତ ଭଗବାନ ପାତ୍ର, ପିଏଲଭି, ଡିଏଲଏସଏ, ଆଇନଗତ ସଚେତନତା ଏବଂ ଶିଶୁ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ, ଯେତେବେଳେ ଶ୍ରୀଯୁକ୍ତ ସୁଶାନ୍ତ କୁମାର ବଧାଇ, ଆଇଆଇସି, ବାରକୋଟ ପୋଲିସ ଷ୍ଟେସନ, ବିପଜ୍ଜନକ ଏବଂ ଶୋଷଣମୂଳକ କାର୍ଯ୍ୟରୁ ଶିଶୁମାନଙ୍କୁ ଉଦ୍ଧାର ଏବଂ ସୁରକ୍ଷାରେ ପୋଲିସର ଭୂମିକା ଉପରେ ଆଲୋଚନା କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati